Bhubaneswar- 17 July 2026
ଭୁବନେଶ୍ୱର- ୧୭ ଜୁଲାଇ ୨୦୨୬
Vol- 1 Issue - 80
ଭାଗ- ୧ ସଂଖ୍ୟା- ୮୦
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୭୯୨୭୦୧୦୦୭

# ଅଳ୍ପ ଗଡ଼ି ଅଟକିଲା ତିନିରଥ

- ଭକ୍ତ-ଭଗବାନଙ୍କ ମହାମିଳନ
- ମରଚିକୋଟ ତାଳଧ୍ୱଜ, ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦର୍ପଦଳନ
- ସିଂହଦ୍ୱାର ଠାରେ ନନ୍ଦିଘୋଷ ଅଟକିଛି
- ଆଜି ପୁଣି ଟଣାହେବ ତିନିରଥ
- ଭକ୍ତି ଆଗରେ ବର୍ଷା ବାଧକ ସାଜିଲାନି
- ୮ ଲକ୍ଷ ଭକ୍ତଙ୍କ ସମାଗମ
- ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଲା ବଡଦାଣ୍ଡ
- ସଂଧ୍ୟା ସାଢେ ୭ଟା ସୁଦ୍ଧା ରଥଟଣା ହୋଇଥିଲା ବନ୍ଦ
- ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ରହିଲେ ଉପସ୍ଥିତ





**ପୁରୀ :** ଆଜି ଆଷାଢ ଶୁକ୍ଳ ଦ୍ୱିତୀୟା ତିଥି। ଶ୍ରୀବିଗ୍ରହମାନଙ୍କ ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା। ଲକ୍ଷାଧିକ ଭକ୍ତ ଚାହିଁ ରହିଛନ୍ତି ରଥାରୁଢ ବିଗ୍ରହଙ୍କୁ ଦର୍ଶନ କରିବାପାଇଁ । ଘଣ୍ଟ ଘଣ୍ଟା ମୃଦଙ୍ଗ ପଖଉଜ ଓ ହରିବୋଲ ହୁଳହୁଳି ସହ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ବଡଦାଣ୍ଡ। ବାଜିଲା ବିଜେ କାହାଳୀ। ପହଣ୍ଡି ବିଜେ କଲେ ଚତୁର୍ଦ୍ଧାମୂର୍ତ୍ତି। ଧାଡି ପହଣ୍ଡିରେ ପ୍ରଥମେ ପ୍ରଭୁ ଶ୍ରୀସୁଦର୍ଶନ ପରେ ପ୍ରଭୁ ଶ୍ରୀବଳଭଦ୍ର ଓ ଦେବୀ ମା ସୁଭଦ୍ରାଙ୍କ ପହଣ୍ଡି ହୋଇଥିଲା। କାଳିଆର ପହଣ୍ଡି ବିଳମ୍ବ ହୋଇଥିଲା। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୁଢ ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଛେରାପହଁରା କରିଥିଲେ। ପରେ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ଶ୍ରୀମନ୍ଦିର ରତ୍ନ ସିଂହାସନ ନିକଟରେ ସକାଳ ୫ଟା୩୦ରେ ମଙ୍ଗଳଆଳତି, ୬ଟା ୫ରେ ଅବକାଶ ପୂଜା ଠା ଓ ୬ଟା ୧୦ରେ ଅବକାଶ ପୂଜା ଶେଷ ହୋଇଥିଲା । ୭ଟା ୨୫ରେ ଗୋପାଳବଲ୍ଲଭ ପୂଜା ଓ ୮ଟା ୩୦ରେ ସକାଳଧୂପ ଶେଷ ହୋଇଥିଲା । ୮ଟା୫୦ରେ ମଙ୍ଗଳାର୍ପଣ, ୮ଟା ୪୫ରେ ରଥ ପ୍ରତିଷ୍ଠା ଓ ୯ଟାରେ ପହଣ୍ଡି ଆରମ୍ଭ ହୋଇଥିଲା। ଶ୍ରୀବଳଭଦ୍ର ଓ ଦେବୀ ମା ସୁଭଦ୍ରାଙ୍କ ପହଣ୍ଡି ଶୀଘ୍ର ଶେଷ ହୋଇଥିବା ବେଳେ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଏକଘଣ୍ଟା ବିଳମ୍ବ ହୋଇଥିଲା। ଶ୍ରୀଜଗନ୍ନାଥଙ୍କ ମସ୍ତକରେ ଟାହିଆ ନଥିବାରୁ ଭକ୍ତ ଅସନ୍ତୋଷ ଦେଖା ଦେଇଥିଲା। ୨ଟା ୨୦ରେ ମଦନମୋହନ ରାମକୃଷ୍ଣ ବିଜେ, ୩ଟାରେ ଶ୍ରୀବିଗ୍ରହଙ୍କ ରୁନ୍ଧା ଶେଷ ହୋଇଥିଲା। ୩ଟା ୨୦ରେ ବେଶ ଶେଷ ହୋଇଥିଲା। ସକାଳୁ ଆଜ୍ଞାମାଳ ଆସିବା ପରେ ତିନିରଥ ପ୍ରତିଷ୍ଠା କରାଯାଇଥିଲା । ଫୁଲ ଚିତା ଲାଗି ହୋଇଥିଲା। ସକାଳଧୂପରେ ଖେଚେଡି ଭୋଗ କରାଯାଇଥିଲା। ଜଗମୋହନରୁ ଠାକୁର ଆସିବା ପରେ ଶ୍ରୀବଳଭଦ୍ରଙ୍କ ଆକର୍ଷଣୀୟ ଟାହିଆ ଲାଗି କରାଯାଇଥିଲା। ହରିବୋଲ ହୁଳହୁଳି, ଘଣ୍ଟ ଘଣ୍ଟୁଆଙ୍କ ନାଦ ସହିତ ପ୍ରଭୁ ବିଜେ କରି ପ୍ରଭୁ ଭକ୍ତଙ୍କୁ ଚାହିଁ ରହିଥିଲେ। ପହଣ୍ଡି ସମୟରେ ବେହେରା ଖୁଣ୍ଟିଆ ମଣିମା ମଣିମା ଡାକୁଥିଲେ । ଆଲଟ ଚାମର ଓ ଛତି ଛତ୍ର ସହ ପ୍ରଭୁ ବିଜେ କରିଥିଲେ। ତୁହାକୁ ତୁହା ବର୍ଷାରେ ବି ଭକ୍ତ ମାନେ ଭାବ ଭକ୍ତିର ସହ ମହାପ୍ରଭୁଙ୍କ ଆଖିରେ ଆଖି ମିଶାଇ ତିନିରଥ ଟାଣିଥିଲେ । ଝିପି ଝିପି ବର୍ଷା ସହ ମେଘୁଆ ପାଗ ଭକ୍ତ ମାନଙ୍କୁ ଆଶ୍ୱସ୍ତି ଦେଇଥିଲା। ପହଣ୍ଡି ସମୟରେ ଓଡିଶୀନୃତ୍ୟ, ଗୋଟିପୁଅ ନୃତ୍ୟ, ମାହାରିନୃତ୍ୟ ପରିବେଶକୁ ମନମୁଗ୍ଧକର କରିଥିଲା। ରଥ ଉପରେ ତିନିଠାକୁରଙ୍କୁ ରୁନ୍ଧାଯିବା ପରେ ମାଳଫୁଲ ଲାଗି ହୋଇଥିଲା । ଗଜପତି ମହାରାଜ ପାରମ୍ପରିକ ପୋଷାକରେ ଶ୍ରୀନଅରରୁ ପାଲିଙ୍କିରେ ଆସିଥିଲେ। ପ୍ରଥମେ ବଡଠାକୁର ଶ୍ରୀବଳଭଦ୍ରଙ୍କ ରଥ ,ପରେ ଦେବୀ ମା ସୁଭଦ୍ରା ଓ ପରେ ପ୍ରଭୁ ଶ୍ରୀଜଗନ୍ନାଥ ରଥରେ ଛେରାପହଁରା ଓ ଆଳତି କରି ଶ୍ରୀନଅରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । କୋଠ ସୁଆଁସିଆ ମାନେ ମହାପ୍ରଭୁଙ୍କ ବ୍ୟବହାର୍ଯ୍ୟ ଜିନିଷ ଥିବା ସିନ୍ଦୁକକୁ ରଥ ଉପରେ ରଖିଥିଲେ । ପରେ ଚାରମାଳ ଖୋଲାଯାଇଥିଲା । ପରେ ରଥ ଦଉଡି ଲଗାଯାଇ ରଥଟଣା ଆରମ୍ଭ ହୋଇଥିଲା । ପ୍ରଥମେ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥକୁ ଟଣାଯାଇ ମରଚିକୋଟ ଛକ ନିକଟରେ ଅଟକି ରହିଥିବା ବେଳେ ମା ସୁଭଦ୍ରାଙ୍କ ଦର୍ପଦଳନ ରଥ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସି ସେଠାରେ ଅଟକି ରହିଥିଲେ। ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଅଳ୍ପ ବାଟ ଗଡି ସିଂହଦ୍ୱାର ଚକଡା ଠାରେ ଅଟକି ରହିଥିଲେ। ସଂଧ୍ୟା ସାଢେ ୭ଟା ସୁଦ୍ଧା ରଥଟଣା ବନ୍ଦ ହୋଇଯାଇଥିଲା। ଓଡ଼ିଶା ରାଜ୍ୟପାଳ ଡ.ହରିବାବୁ କମ୍ଭମ୍ପଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, କନକବର୍ଦ୍ଧନ ସିଂହଦେଓ, ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ, ଆରକ୍ଷୀ ମହାନିର୍ଦ୍ଦେଶକ (ଅତ୍ୟାଧୁନିକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ ପାଢୀଙ୍କ ସମେତ ବରିଷ୍ଠ ଅଧିକାରୀ , ମନ୍ତ୍ରୀଗଣ ଉପସ୍ଥିତ ଥିଲେ। ମନ୍ଦିର ଭିତର ବାହାର ସମେତ ପୁରୀରେ ବ୍ୟାପକ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ରଥ ନିକଟରେ ଭକ୍ତଙ୍କ ଗହଳିଚହଳି ଲାଗିଛି । ଭକ୍ତ ମାନେ ରଥାରୁଢ ଠାକୁରଙ୍କ ଦର୍ଶନ କରୁଛନ୍ତି । ରାଜ୍ୟ ଓ ପୁରୀ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

### ବଙ୍ଗୋପସାଗରରେ ବୁଡ଼ିଲା ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ଡଙ୍ଗା

## ୫୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଆଶଙ୍କା



**ନୂଆଦିଲ୍ଲୀ:** ବଙ୍ଗୋପସାଗରର ମିଆଁମାର ଉପକୂଳରେ ବଡ଼ ଅଘଟଣା। ରୋହିଙ୍ଗ୍ୟା ଶରଣାର୍ଥୀଙ୍କୁ ନେଇ ଯାଉଥିବା ଦୁଇଟି ଡଙ୍ଗା ଗଭୀର ସମୁଦ୍ରରେ ବୁଡ଼ି ଯାଇଛି। ଏଥିରେ ୫୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। କୌଣସି ସାମୁଦ୍ରିକ ଦୁର୍ଘଟଣାରେ ଏତେ ସଂଖ୍ୟକ ଜୀବନ ଯିବା ସମ୍ଭବତଃ ଗୋଟିଏ ଦଶନ୍ଧି ମଧ୍ୟରେ ପ୍ରଥମ ଘଟଣା ବୋଲି କହିଛି ମିଳିତ ଜାତିସଂଘ। ଗୁରୁବାର ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେସନ ଫର ମାଇଗ୍ରେସନ(ଆଇଓଏମ) ଓ ମିଳିତ ଜାତିସଂଘର ଶରଣାର୍ଥୀ ଉଚ୍ଚାୟୁକ୍ତ କହିଛନ୍ତି ଯେ ଘଟଣା ଓ ମୃତାହତଙ୍କ ସଂଖ୍ୟା ଏପର୍ଯ୍ୟନ୍ତ ବିଧିବଦ୍ଧ ଭାବେ ନିଶ୍ଚିତ ହୋଇନଥିଲେ ହେଁ ୫୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ପ୍ରାଥମିକ ସୂଚନା ଅନୁସାରେ, ଜୁନ୍ ଶେଷ ଭାଗରେ ସଂଘର୍ଷରେ କ୍ଷତିଗ୍ରସ୍ତ ମିଆଁମାରର ରଖାଇନରୁ ଏହି ଡଙ୍ଗାଗୁଡ଼ିକ ଯାତ୍ରା ଆରମ୍ଭ କରିଥିଲେ। କିଛି ଯାତ୍ରୀ ପଡ଼ୋଶୀ ବାଂଲାଦେଶର ଶରଣାର୍ଥୀ ଶିବିରରୁ ମଧ୍ୟ ଆସିଥିଲେ। ପ୍ରଥମେ ପ୍ରାୟ ୨୫୦ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଡଙ୍ଗା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ସେହିପରି ପ୍ରାୟ ୨୮୦ ଜଣ ଯାତ୍ରୀଙ୍କୁ ନେଇ ଆଉ ଏକ ଡଙ୍ଗା ଜୁଲାଇ ୮ରେ ମିଆଁମାରର ଆୟାରୱାଡି ଉପକୂଳରେ ବୁଡ଼ି ଯାଇଥିବା ଜଣାପଡ଼ିଛି। ଯଦିଓ ଘଟଣା ଓ ମୃତାହତଙ୍କ ସଂଖ୍ୟା ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଘୋଷଣା ହୋଇନାହିଁ ତଥାପି ଆଇଓଏମ ଓ ମିଳିତ ଜାତିସଂଘର ଶରଣାର୍ଥୀ ଉଚ୍ଚାୟୁକ୍ତ ଏହି ଘଟଣାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ମିଆଁମାରରେ ସେନାର ନିର୍ଦ୍ଦୟ କାର୍ଯ୍ୟାନୁଷ୍ଠାନ ଭୟରେ ପ୍ରାୟ ୧୨ ଲକ୍ଷ ରୋହିଙ୍ଗ୍ୟା ବାଂଲାଦେଶର ଜନଗହଳିପୂର୍ଣ୍ଣ ଶରଣାର୍ଥୀ ଶିବିରଗୁଡ଼ିକରେ ରହୁଛନ୍ତି। ତଥାପି ମିଆଁମାରରେ ରହି ଯାଇଥିବା ରୋହିଙ୍ଗ୍ୟାମାନେ ମୌଳିକ ସେବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଶିବିରରେ ବନ୍ଦୀ କରି ମଧ୍ୟ ରଖାଯାଇଛି। ସେନାର ବର୍ବରତାରୁ ମୁକ୍ତି ପାଇବା ପାଇଁ ରୋହିଙ୍ଗ୍ୟାମାନେ ସମୁଦ୍ର ପାର ହେଉଥିବା ବେଳେ ଏବେ ପାଣିରେ ବୁଡ଼ି ସେମାନଙ୍କ ଜୀବନ ଯାଇଛି। ବଙ୍ଗୋପସାଗର ଓ ଆଣ୍ଡାମାନ ସାଗରର ବର୍ଷ ବର୍ଷ ଧରି ହଜାର ହଜାର ରୋହିଙ୍ଗ୍ୟାଙ୍କ ଜୀବନ ନେଇଛି। ମୃତକଙ୍କ ମଧ୍ୟରେ ଶିଶୁ, ନବଜାତକ ଓ ଗର୍ଭବତୀ ମଧ୍ୟ ରହିଛନ୍ତି। ତଥ୍ୟ ଅନୁଯାୟୀ, ୨୦୨୫ ମସିହାରେ ୬,୫୦୦ରୁ ଅଧିକ ରୋହିଙ୍ଗ୍ୟା ଏହି ବିପଜ୍ଜନକ ସମୁଦ୍ର ଯାତ୍ରା କରିବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୯୦୦ ଜଣ ମୃତ କିମ୍ବା ନିଖୋଜ ହୋଇଯାଇଛି।

## ମହାପ୍ରଭୁ ଜଗନ୍ନାଥ' ଆନିମେଟେଡ୍ ଫିଲ୍ମ ପ୍ରଦର୍ଶନ ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ରୋକ



**କଟକ:** ବିବାଦୀୟ ଆନିମେଟେଡ୍ ଫିଲ୍ମ 'ମହାପ୍ରଭୁ ଜଗନ୍ନାଥ' ଏବେ ରିଲିଜ୍ ହୋଇପାରିବ ନାହିଁ । ଆସନ୍ତା ୧୭ ତାରିଖରେ ଏହି ଫିଲ୍ମ ରିଲିଜ୍ ପାଇଁ ଦିନ ଧାର୍ଯ୍ୟ ହୋଇଥିଲାବେଳେ ହାଇକୋର୍ଟ ଏହା ଉପରେ କଟକଣା ଲଗାଇଛନ୍ତି । ଅଦାଲତଙ୍କ ଅନୁମତି ବିନା ଏହି ଫିଲ୍ମ ପ୍ରଦର୍ଶନ ହୋଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶରେ ସ୍ପଷ୍ଟ କରିଛନ୍ତି । ମାମଲାର ଶୁଣାଣି ଆସନ୍ତା ଅଗଷ୍ଟ ୫ ତାରିଖକୁ ଧାର୍ଯ୍ୟ ହୋଇଛି । ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ସଦସ୍ୟ ମହେଶ ସାହୁ, ଡକ୍ଟର ପ୍ରମୋଦ ଆଚାର୍ଯ୍ୟ, ଉମାଶଙ୍କର ଆଚାର୍ଯ୍ୟ ଓ ଶାଶ୍ୱତ ସାହୁଙ୍କ ପକ୍ଷରୁ ପୃଥକ ଭାବେ ରୁଜୁ ଦୁଇଟି ମାମଲାର ଏକତ୍ର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ବିଚାରପତି ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନୋଜ ମିଶ୍ର, ଆଇନଜୀବୀ ସମ୍ବିତ୍ ପତ୍ରୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ଡେପୁଟି ସଲିସିଟର୍ ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ ମାମଲା ପରିଚାଳନା କରୁଥିଲେ ।

## ୪ ବର୍ଷର ପୁଅକୁ କଟୁରୀରେ ହାଣିଦେଲା ବାପା

**ବାରିପଦା:** ଜଣେ ବ୍ୟକ୍ତି ତାଙ୍କର ୪ ବର୍ଷର ପୁଅକୁ କଟୁରୀରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣାଟି ଘଟିଛି ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ପୁରୁଣାପାଣି ଗ୍ରାମରେ। ମୃତ ଶିଶୁ ପୁତ୍ରଙ୍କ ନାଁ ଦୁମ୍ବି ସିଂ। ତାଙ୍କ ବାପା ତଥା ଅଭିଯୁକ୍ତଙ୍କ ନାଁ ସୋହନ ସିଂ। ଆଜି ସକାଳେ ଘରେ କେହି ନ ଥିବା ବେଳେ ସୋହନ ସିଂ ତାଙ୍କର ୪ ବର୍ଷର ପୁଅ ଦୁମ୍ବି ସିଂଙ୍କୁ କଟୁରୀରେ ହାଣି ଦେଇଥିଲେ। ଏହା ପରେ ଘରେ ତାଲା ପକାଇ ଫେରାର ହୋଇଯାଇଥିଲେ। ଦୁମ୍ବିଙ୍କ ମାଆ ସୁକାନ୍ତି ସିଂ ଘରେ ପହଞ୍ଚିବା ପରେ କବାଟ ବନ୍ଦ ଥିବା ଦେଖିଥିଲେ। ତେଣୁ ସେ ତାଙ୍କ ପୁତୁରାଙ୍କୁ ଡାକି ଥିଲେ। ସେ କବାଟ ଖୋଲିବା ପରେ ଦୁମ୍ବିଂ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ପ୍ରଥମେ ଶରତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଉଦଳା ଡାକ୍ତରଖାନା ନିଆଯାଇଥିଲା। ତେବେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା।

### ଲଘୁଚାପ 'ୱେଲ ମାର୍କଡ୍ ଲୋ ପ୍ରେସର'ରେ ପରିଣତ

## ଦୁଇଦିନ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର:** ରାଜ୍ୟରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି । ଆସନ୍ତା ଦୁଇ ଦିନ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା । ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ରଟି ଅଧିକ ଘନୀଭୂତ ହୋଇ'ୱେଲ ମାର୍କଡ୍ ଲୋ ପ୍ରେସର' ରେ ପରିଣତ ହୋଇଛି । ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହା ସଂଲଗ୍ନ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ଏକ 'ସୁଦୃଶ୍ୟ ଲଘୁଚାପ ବଳୟ' ସକ୍ରିୟ ରହିଛି । ଭାରତୀୟ ପାଣିପାଗ ବିଭାଗ ର ସୂଚନା ଅନୁଯାୟୀ, ଆଗାମୀ ୨ ଦିନ ମଧ୍ୟରେ ଏହି ସିଷ୍ଟମ ଉତ୍ତର-ପଶ୍ଚିମ ଦିଗରେ ଗତି କରି ଉତ୍ତର ଓଡ଼ିଶା ଏବଂ ଗାଙ୍ଗେୟ ପଶ୍ଚିମବଙ୍ଗ ଅତିକ୍ରମ କରିବ । ଏହାର ପ୍ରଭାବରେ ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆହୁରି ଅଧିକ ଶକ୍ତିଶାଳୀ ହେବା ସହ ବ୍ୟାପକ ବର୍ଷା ହେବାର ସମ୍ଭାବନା ରହିଛି । ଆଜି ସକାଳୁ ଓଡ଼ିଶାର ବିଭିନ୍ନ ଭାଗରେ ମଧ୍ୟମରୁ ପ୍ରବଳ ବର୍ଷା ଲାଗି ରହିଛି। ବିଶେଷ କରି ଉପକୂଳ ଓ ଉତ୍ତର ଓଡ଼ିଶାର କେତେକ ଜିଲ୍ଲାରେ ଗତ ୨୪ ଘଣ୍ଟା ମଧ୍ୟରେ ୫ ରୁ ୧୫ ସେମି ପର୍ଯ୍ୟନ୍ତ ବର୍ଷା ରେକର୍ଡ କରାଯାଇଛି। ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। କିନ୍ତୁ କିଛି ନିର୍ଦ୍ଦିଷ୍ଟ ଉତ୍ତର, ଉପକୂଳ ଏବଂ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଭଦ୍ରକ, ଯାଜପୁର ଏବଂ କେନ୍ଦୁଝର ଭଳି ଜିଲ୍ଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ସତର୍କ କୁହାଯାଇଛି।

## ଧକ୍କା ଦେଲା ଟ୍ରକ , ଦମ୍ପତି ମୃତ

**ବ୍ରହ୍ମପୁର:** ବ୍ରହ୍ମପୁର ନିକଟ ରଣ୍ଡା ଜାତୀୟ ରାଜପଥରେ ଭୟଙ୍କର ଦୁର୍ଘଟଣା । ରାସ୍ତା ପାର ହେଲା ବେଳେ ଟ୍ରକ ଦେଲା ଧକ୍କା। ଟ୍ରକ ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ୱାମୀ ହରିଶ୍ଚନ୍ଦ୍ର ଦାସ ଓ ସ୍ତ୍ରୀ ପରି ଦାସ । ଦୁର୍ଘଟଣା ପରେ ଉତ୍ତେଜନା ଦେଖା ଦେଇଛି। ଗୋଳନ୍ଥରା ଥାନା ଅଧିନସ୍ଥ ରଣ୍ଡା ସାହିର ହରିଶ୍ଚନ୍ଦ୍ର ଦାସ ଓ ସ୍ତ୍ରୀ ପରି ଦାସ ଜାତୀୟ ରାଜପଥ ପାର ହୋଇ ଡାକ୍ତରଖାନାକୁ ଯାଉଥିଲେ। ଏହି ସମୟରେ ଦମ୍ପତିଙ୍କୁ ପ୍ରଥମେ କାର ପରେ ଟ୍ରକ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ହରିଶ୍ଚନ୍ଦ୍ର ଓ ପରି ଦାସଙ୍କ ମୃତ୍ୟୁ ହୋଇଥିଲା । ଘଟଣା ସ୍ଥଳରେ ଗୋଳନ୍ଥରା ପୋଲିସ ଓ ଅନ୍ୟ ପୋଲିସ ଅଧିକାରୀ ପହଂଚି ଘଟଣାର ତଦନ୍ତ. କରୁଛନ୍ତି। ତେବେ ଏହି ଘଟଣା ପରେ କ୍ଷତି ପୂରଣ ଓ ଓଭରବ୍ରିଜ ନିର୍ମାଣ ଦାବିରେ ଅଞ୍ଚଳବାସୀଙ୍କ ପକ୍ଷରୁ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ପୁଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ।

## ମରଣାନ୍ତକ ରୋଗରେ ପୀଡ଼ିତ କଏଦୀଙ୍କ ଶୀଘ୍ର ମୁକ୍ତି ପାଇଁ ନୀତି ପ୍ରସ୍ତୁତ କର

**ନୂଆଦିଲ୍ଲୀ:** ମରଣାନ୍ତକ ରୋଗରେ ପୀଡ଼ିତ କଏଦୀମାନଙ୍କୁ ମାନବିକ ଆଧାରରେ ସମୟ ପୂର୍ବରୁ ମୁକ୍ତି ଦେବା ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସ୍ୱତନ୍ତ୍ର ନୀତି ପ୍ରସ୍ତୁତ କରିବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କଏଦୀଙ୍କ ଜୀବନ, ମର୍ଯ୍ୟାଦା ଓ ମାନବିକ ଅଧିକାରର ସୁରକ୍ଷାକୁ ଗୁରୁତ୍ୱ ଦେଇ ଶୀର୍ଷ ଅଦାଲତ କହିଛନ୍ତି ଯେ, ଜୀବନର ଶେଷ ପର୍ଯ୍ୟାୟରେ ଥିବା ବନ୍ଦୀମାନଙ୍କ ମାମଲାରେ ଏଭଳି ନୀତି ଅତ୍ୟନ୍ତ ଆବଶ୍ୟକ। ସୁପ୍ରିମ୍‌କୋର୍ଟ କହିଛନ୍ତି, ଦେଶର ଅନେକ କାରାଗାରରେ ଏପରି ବନ୍ଦୀ ଅଛନ୍ତି, ଯେଉଁମାନେ ଅସାଧ୍ୟ କିମ୍ବା ମରଣାନ୍ତକ ରୋଗରେ ପୀଡ଼ିତ। ସେମାନଙ୍କ ଚିକିତ୍ସା, ଶାରୀରିକ ଅବସ୍ଥା ଓ ଜୀବନର ଶେଷ ସମୟକୁ ବିଚାର କରି ମାନବିକ ଦୃଷ୍ଟିକୋଣରୁ ଶୀଘ୍ର ମୁକ୍ତି ଦେବା ସମ୍ଭାବନାକୁ ବିଚାର କରାଯିବା ଉଚିତ। ଅଦାଲତ କହିଛନ୍ତି, ବର୍ତ୍ତମାନ ସମସ୍ତ ରାଜ୍ୟରେ ଏ ସମ୍ପର୍କିତ ସମାନ ନୀତି ନାହିଁ। ଏହା ଫଳରେ ସମାନ ପରିସ୍ଥିତିରେ ଥିବା କଏଦୀମାନେ ଭିନ୍ନ ଭିନ୍ନ ବ୍ୟବସ୍ଥାର ସମ୍ମୁଖୀନ ହେଉଛନ୍ତି।



ତେଣୁ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସ୍ପଷ୍ଟ ନିୟମାବଳୀ ପ୍ରସ୍ତୁତ କରିବା ଆବଶ୍ୟକ, ଯାହା ଅନୁସାରେ ଏଭଳି ଆବେଦନର ଶୀଘ୍ର ଓ ନିରପେକ୍ଷ ବିଚାର କରାଯାଇପାରିବ। ସୁପ୍ରିମ୍‌କୋର୍ଟ କହିଛନ୍ତି, ଏଭଳି ନୀତି ପ୍ରସ୍ତୁତ କରିବା ସମୟରେ ବନ୍ଦୀଙ୍କ ରୋଗର ଗମ୍ଭୀରତା, ଚିକିତ୍ସକଙ୍କ ମତ, ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା, ଅପରାଧର ପ୍ରକୃତି ଓ ସମାଜ ଉପରେ ଏହାର ପ୍ରଭାବ ଭଳି ବିଭିନ୍ନ ପ୍ରସଙ୍ଗକୁ ବିଚାର କରାଯିବା ଦରକାର।

## ସମ୍ପାଦକୀୟ

# ଭୁଲ୍ ପଛର ଭାଇରସ୍

ରାଜ୍ୟରେ ଏବେ ବିଜେପି ସରକାର। କେନ୍ଦ୍ରରେ ବି ବିଜେପି ସରକାର। ଅର୍ଥାତ୍ ଡବଲ୍ ଇଞ୍ଜିନ୍ ସରକାର। ସେହି ନାରା ତ ସରକାର ଦେଉଛନ୍ତି। ଦିନରାତି ଚବିଶିଘଣ୍ଟା। ସାରା ରାଜ୍ୟରେ , ସାରା ଦେଶରେ ଏବେ କେବଳ ସେହି ଗୋଟାଏ ନାରା . ଭାରତ ସାରା। ଏଇ ନିକଟରେ ରାଜ୍ୟ ବିଜେପି ସରକାର ରାଜ୍ୟରେ ତା'ର ଦୁଇବର୍ଷ ପୁର୍ତ୍ତି ପାଳନ କରି ସାରିଛି। କେନ୍ଦ୍ରରେ ବିଜେପି,ରାଜ୍ୟରେ ବି ବିଜେପି। ଉଭୟ କେନ୍ଦ୍ରରେ ଏବଂ ରାଜ୍ୟରେ ଏବେ କେବଳ ଗୋଟିଏ ଦଳର ସରକାର। ବିଜେପି ସରକାର।ସେଥିପାଇଁ ସମସ୍ତଙ୍କର ସାଧାରଣତଃ ସେହି ଗୋଟାଏ ଆଶା ଏବଂ ସେହି ଗୋଟାଏ ଭରସା । ରାଜ୍ୟରେ ନିଶ୍ଚିତରୂପେ ଏକ ସୁଶାସନର ଆରମ୍ଭ ହୋଇପାରିବ । ଶାସନ ତ ଆରମ୍ଭ ହୋଇଗଲା। ତେବେ ରାଜ୍ୟ ବିଜେପିର ସେହ ଶାସନ କେତେଦୂର ସୁ କି ଫୁ..ସେ ବିଷୟରେ ରାଜ୍ୟବାସୀ ଏବେ ବି ସନ୍ଦିହାନରେ। ରାଜ୍ୟ ସରକାର କିନ୍ତୁ ଯୋଜନା ପରେ ଯୋଜନା ପ୍ରଣୟନ କରି ଚାଲିଛନ୍ତି। ରାଜ୍ୟ ସରକାର ରାଜ୍ୟବାସୀଙ୍କ ହିତରେ, ରାଜ୍ୟବାସୀଙ୍କ୍ କଲ୍ୟାଣରେ, ରାଜ୍ୟବାସୀଙ୍କ ବିକାଶରେ ସେମିତି ଅନେକ କିଛି ସମୟୋଚିତ ପଦକ୍ଷେପ ନେବାକୁ ତାଙ୍କର ଉଦ୍ୟମ ତ ଜାରି ରଖିଛନ୍ତି ସରକାରୀ ସ୍ତରରେ, ଯାହାକି ରାଜ୍ୟର ବିକାଶକୁ ଦ୍ରୁତ ଗତିରେ ଆଗେଇ ନେଇପାରିବାରେ ସହାୟକ ହୋଇପାରେ। ତେବେ ଅନ୍ତତଃ ରାଜ୍ୟର ବିଜେପି ସରକାର ଠାରୁ ଏମିତି କିଛି ଆଶା କରିବାରେ କିଛି ବି ସମସ୍ୟା ନାହିଁ। ଯାହା ବି କିଛି ସମସ୍ୟା ଆସିବ, ତା'ର ସମାଧାନ କରିବାରେ ରାଜ୍ୟ ସରକାର ତାଙ୍କ ଚେଷ୍ଟାରେ କେନ୍ଦ୍ରକୁ ବି ସାମିଲ୍ କରିପାରିବ, କେନ୍ଦ୍ରର ବି ସହଯୋଗ ଅବା ପରାମର୍ଶ ନେଇପାରିବେ। ସେଥିପାଇଁ ତ ଡବଲ୍ ଇଞ୍ଜିନ୍ ସରକାର। ନଚେତ କି ଲାଭ ? ନାମକୁ ଖାଲି ଡବଲ୍ ଇଞ୍ଜିନ୍ ! ଜୁନ୍ ମାସ କୋଡ଼ିଏ ତାରିଖରେ ବିଜେପି ତା'ର ଏକ ମହୋତ୍ସବ ପାଳନ କରିଛି ଯାହାପରେ ବିଜେପି ରାଜ୍ୟରେ ତା'ର ବିକାଶକୁ ତ୍ୱରାନ୍ୱିତ କରିପାରେ କାରଣ ରାଜ୍ୟ ରାଜନୀତିର ଇତିହାସରେ ପ୍ରଥମଥର ପାଇଁ ଗୋଟାଏ ମଞ୍ଚରେ ଏକାଠି ହେଲେ ଭାରତର ଦୁଇ ସାମ୍ବିଧାନିକ ମୁଖ୍ୟ। ତେବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯେ କି ସେହି ମହାମଞ୍ଚରେ ନିଜକୁ ମଧ ସେହି ଅନୁସାରେ ପ୍ରସ୍ତୁତ କରିଥିଲେ ସେମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ। ଏଠାରେ ସଠିକ୍ ଢଙ୍ଗରେ ଉପସ୍ଥାପନ କରିବାର ସଠିକ୍ ଅର୍ଥ ହେଉଛି ମୁଖ୍ୟମନ୍ତ୍ରୀ ମହୋତ୍ସବର ସେହି ମହାମଞ୍ଚରେ ସେମିତି କିଛି ଶସ୍ତା ଭାଷଣବାଜି କରିବେ ନାହିଁ କି କେନ୍ଦ୍ର ସରକାରଙ୍କ ଅଯଥା ଗୁଣାଗାନ କରିବେ ନାହିଁ ବରଂ ବିଜେପି ଶାସନ କାଳରେ ରାଜ୍ୟରେ ବିଗତ ଦୁଇ ବର୍ଷରେ ଯାହା ବି କିଛି ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ ହୋଇଛି ଏବଂ ଆଗକୁ ଯାହା ବି କିଛି କାର୍ଯ୍ୟ ଯୋଜନା ରହିଛି, ସେ ସବୁ ବିଷୟରେ ମଧ ଉଲ୍ଲେଖ କରିବେ ପ୍ରମାଣ ସହିତ କାରଣ କେନ୍ଦ୍ର ସରକାର ହୁଏତ ପ୍ରମାଣ ମାଗିପାରନ୍ତି। ମୋହନ ସରକାର ତାଙ୍କର ବିଗତ କାର୍ଯ୍ୟକ୍ରମର ଇତିହାସ ବଖାଣିବା ସହିତ ଆଗାମୀ କାର୍ଯ୍ୟ ଯୋଜନାର ମଧ ସୂଚନା ଦେବେ ଯାହା ମଧ୍ୟରେ ରହିଛି ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା। ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ପ୍ରଦାନ। ଏହିଭଳି ଏକ ଗୁରୁ ବିଷୟ ଉପରେ ରାଜ୍ୟ ସରକାର ଏବେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିବାକୁ ଯାଉଛନ୍ତି ଯାହାର ଶୁଭାରମ୍ଭ ହୋଇଛି ଚଳିତବର୍ଷ ଜାନୁଆରୀରୁ । ପ୍ରଥମ ପର୍ଯ୍ୟାୟରେ ରାଜ୍ୟବ୍ୟା ଦୁଇ ହଜାରେରୁ ଅଧିକ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାରଙ୍କ୍ ପକ୍ଷରୁ ସମୁଦାୟ ୧୨ ହଜାର କୋଟି ଟଙ୍କା ମଞ୍ଜୁର କରାଯଇଛି। ପ୍ରଥମ ପର୍ଯ୍ୟାୟରେ ଶତାଧିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଦୁଇଶହରୁ ଅଧିକ ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ। ରାଜ୍ୟ ସରକାର ଆଦର୍ଶ ବିଦ୍ୟାଳୟ କଥା କହୁଛନ୍ତି, ସେଥିପାଇଁ ନାନା ଯୋଜନା ବି କରୁଛନ୍ତି ବିଧିବଦ୍ଧ ଭାବରେ। ତେବେ ଏଠାରେ ବଡ଼ ପ୍ରଶ୍ନ ଯେ ଚଳିତ ଶିକ୍ଷାବର୍ଷରେ ମୁଦ୍ରିତ ବିଦ୍ୟାଳୟ ସ୍ତରୀୟ ସରକାରୀ ପାଠ୍ୟ ପୁସ୍ତକରେ ଯେଉଁଭଳି ଗୁରୁତର ତ୍ରୁଟି ପରିଲକ୍ଷିତ ହୋଇଛି , ତାହା କେବେ ବି କ୍ଷମଣୀୟ ନୁହେଁ । ଯାହାକୁ ନେଇ ସାରା ରାଜ୍ୟରେ ଆରମ୍ଭ ହୋଇଯାଇଛି କମ୍ପନ। ସେଥିରେ ଖୋଦ ସରକାର ବି ପ୍ରକମ୍ପିତ । ଆକ୍ସନ ବି ନିଆଗଲାଣି ଅଭିଯୁକ୍ତଙ୍କ୍ , ଉପରେ। ହେଲେ କିଏ ସେ ମୁଖ୍ୟ ଅଭିଯୁକ୍ତ ? ସେ କି ମୁଖ୍ୟ ଅପରାଧୀ ? ବୋଧହୁଏ ସେ କି ଗୋଟାଏ ଭାଇରସ୍ ? ଉତ୍ତର ଏବେ ଖୋଜୁଛନ୍ତି ସରକାର।

# ରାଜଧର୍ମ

ଜଣେ ଧାର୍ମିକ ରାଜା ଯେ କି ରହୁଥାନ୍ତି ଭାରତର ଦକ୍ଷିଣରେ।। ତାଙ୍କ ଶାସନ କାଳରେ ରାଜ୍ୟରେ କେହି ବି ସେମିତି ଅସୁବିଧାରେ ରହୁନଥିଲେ। ଯାହାର ଯାହା ବି ଅସୁବିଧା ହେଉଥିଲା, ସେମାନେ ଅଚିରେ ତାଙ୍କ ସମସ୍ୟା ନେଇ ରାଜାଙ୍କ୍ ପାଖକୁ ଧାଇଁ ଆସୁଥିଲେ। ରାଜା ବି କାହାକୁ ସେମିତି ଖାଲିହାତରେ ଫେରାଉ ନଥିଲେ। ସମସ୍ତଙ୍କ ସମସ୍ୟା ସମାଧାନ ଦିଗରେ ରାଜା ବି ସେହିଭଳି କିଛି ତୁରନ୍ତ ପଦକ୍ଷେପ ନେଉଥିଲେ। କାହାକୁ ନିରାଶ କରୁ ନଥିଲେ କି କାହାପ୍ରତି ଅବିଚାର ମଧ କରୁନଥିଲେ। ଯିଏ ବି ଯେଉଁଭଳି ବିଚାରଧାରା ନେଇ ଆସୁଥିଲେ କିମ୍ବା ଯିଏ ଯାହା ବି ଅଭିଯୋଗ ନେଇ ଆସୁଥିଲେ, ରାଜା କେବେ ବି କାହା ସପକ୍ଷରେ ଯାଉନଥିଲେ କି କେବେ କାହା ବିପକ୍ଷରେ ମଧ ଯାଉନଥିଲେ। ସମସ୍ତଙ୍କୁ ଉପଯୁକ୍ତ ବିଚାର ପ୍ରଦାନ କରୁଥିଲେ। ସମସ୍ତଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ସର୍ବଦା ତାଙ୍କ ଉଦ୍ୟମ ଜାରି ରଖିଥିଲେ। ସବୁଦିନ ରାଜାଙ୍କ ପାଖକୁ କିଛି ନା କିଛି ସମସ୍ୟା ନେଇ ଅବା କିଛି ନା କିଛି ଅଭିଯୋଗ ନେଇ କେହି ନା କେହି ଆସନ୍ତି ଏବଂ ରାଜା ସେ ସବୁର ଉପଯୁକ୍ତ ସମାଧାନ ଦିଗରେ ତାଙ୍କର ଉପଯୁକ୍ତ ବିଚାର ପ୍ରଦାନ କରନ୍ତି। ଥରେ ଦୁଇ ଜଣ ହଠାତ ଆସି ରାଜଦରବାରରେ ପହଞ୍ଚିଲେ ଏବଂ ରାଜାଙ୍କ୍ ଠାରୁ ତାଙ୍କର ସମସ୍ୟା ନେଇ ଉପଯୁକ୍ତ ସମାଧାନ ଆଶା କଲେ। ରାଜ ଦରବାରରେ ବିଚାରକାର୍ଯ୍ୟର ସମୟ ସେତେବେଳେ ସରି ଆସୁଥିବାରୁ ରାଜାଙ୍କ ସ୍ୱତନ୍ତ୍ର ପ୍ରତିନିଧି ସେମାନଙ୍କୁ ଫେରାଇଦେଇ ପରଦିନ ଆସିବାକୁ କହିବାରୁ ସେମାନେ କିନ୍ତୁ ରାଜଦରବାର ଛାଡ଼ି ଯିବାକୁ ସେମାନଙ୍କର ଅନିଚ୍ଛା ଜାହିର କଲେ। ରାଜ ଦରବାରକୁ ବହୁ ଦୂରରୁ ବହୁ ଆଶା ନେଇ ଆସିଥିବା ସେହି ଦୁଇଜଣ କିନ୍ତୁ ଜିଦ୍ କରିବାରୁ ଶେଷରେ ରାଜାଙ୍କ ସ୍ୱତନ୍ତ୍ର ମନ୍ତ୍ରୀ ରାଜାଙ୍କ ଅନୁମତି ନେଇ ସେମାନଙ୍କୁ ରାଜ ଦରବାରରେ ଅନ୍ତତଃ ସେହି ରାତିଟା ରହିବା ପାଇଁ ଅନୁମତି ପ୍ରଦାନ କଲେ। ସକାଳୁ ସେମାନଙ୍କର ବିଚାର ହେବା ବେଳକୁ ସେମାନେ କିନ୍ତୁ ସେହି ରାଜ ଦରବାରରୁ ସେ ଦୁହେଁ କିନ୍ତୁ ଫେରାର୍ ହୋଇଯାଇଥିଲେ। ରାଜା ପୁନଃ ଏକାଧିକ ସୈନ୍ୟ ସାମନ୍ତ ପଠାଇ ସେମାନଙ୍କୁ ଦିନକ ମଧରେ ଖୋଜିଆଣି ଦରବାରରେ ହାଜର କରିବାପରେ ସେମାନେ ନିଜ ନିଜ ମଧ୍ୟରେ ସେମାନଙ୍କର ବିବାଦ ସମାଧାନ କରିଦେଇଥିବା କଥା ରାଜାଙ୍କ ଆଗରେ ସ୍ୱୀକାର କଲେ। ପରେ ପରେ ରାଜା ସେମାନଙ୍କ ମଧରେ ଏକ ଉତ୍ତମ ବୁଝାମଣା ଜରିଆରେ ସେମାନଙ୍କ ସମସ୍ୟାର ସମାଧାନ କରିବାରେ ସଫଳ ହୋଇଥିଲେ। ରାଜା ଏହିଭଳି ଭାବେ ନିଜର ରାଜଧର୍ମ ପାଳନ କରିବାରେ ସକ୍ଷମ ହୋଇଥିଲେ।

# ଘୋଷଯାତ୍ରାର ଆତ୍ମା- ଘଣ୍ଟ ସେବକ



ଡ.ଚନ୍ଦ୍ରକଳା ନାୟକ

ଚାତକ ପାଇଁ ନୂଆ ଆଷାଢର ବର୍ଷାଧାରା ପରି ଭକ୍ତ ପାଇଁ ପୁଷ୍ୟା ନକ୍ଷତ୍ରଯୁକ୍ତ ଆଷାଢ ଶୁକ୍ଳ ଦ୍ୱିତୀୟା ତିଥି ଅର୍ଥାତ ଶ୍ରୀଗୁଣ୍ଡିଚା ଆସେ। ଦେବ ମାନବର ବହୁ ପ୍ରତିକ୍ଷିତ ଏହି ତିଥି ବୁଣ୍ଚିଦିଏ ମର୍ତ୍ତ୍ୟରେ ଅମର୍ତ୍ତ୍ୟ ଲାବଣ୍ୟର ସୁଲଳିତ କାନ୍ତି । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଭାଷାରେ –

'ତଥି ମଧୌଅତି ଶ୍ରେଷ୍ଠ ଗୁଣ୍ଡିଚା ଉତ୍ସବ
ଚତୁର୍ଦ୍ଦଶ ଭୂବନରେ ଅଟେ ସେ ଦୁର୍ଲଭ।'

ଶ୍ରୀ ଜଗନ୍ନାଥଙ୍କୁ ଭକ୍ତମାନେ ଯେଉଁ ପୂଜା ଓ ଉପାସନା କରନ୍ତି, ସେଥିରେ ଭକ୍ତିର ପ୍ରଗାଢତା ଯେତିକି ରହିଛି, ତା ଠାରୁ ଅଧିକ ରହିଛି ରାଜକୀୟ ସମ୍ମାନ। ରାଜାଙ୍କୁ ଦୈନନ୍ଦିନ ପ୍ରଭାତରୁ ଶୟନ ପର୍ଯ୍ୟନ୍ତ ଯେପରି ସେବା କରାଯାଏ, ଠିକ ସେହିପରି ପ୍ରଭୁଙ୍କର ପ୍ରାତକାଳର ଦୁଆର ଫିଟା ବେଳେ ମଣିମା ମଣିମା ଡାକ ଠାରୁ ରାତିରେ ଶୟନ ବେଳେ ସଙ୍ଗୀତ ନୃତ୍ୟାଦି ସମର୍ପିତ ହୋଇ ସେବା ସୁଖ ଦେବାର ବ୍ୟବସ୍ଥା ରହିଛି। ଶ୍ରୀମନ୍ଦିରର ସ୍ୱତ୍ୱଲିପି ଅନୁସାରେ ଶହେ ତିନି ନଂବର ସେବା ପରିଶିଷ୍ଟରେ ଉଲ୍ଲେଖ ଅଛି ଯେ, ଘଣ୍ଟୁଆ ସେବକମାନେ ସ୍ନାନ ପୂର୍ଣ୍ଣିମା ଦିନ ରତ୍ନ ସିଂହାସନରୁ ସ୍ନାନବେଦୀ ଏବଂ ସ୍ନାବଦୀରୁ ଅଣସର ପିଣ୍ଡିକୁ ଶ୍ରୀଜୀୟୁ ମାନଙ୍କୁ ପହଣ୍ଡି ବିଜେ ସମୟରେ ଘଣ୍ଟ ବାଦନ କରିବେ। ରଥଯାତ୍ରା ସମୟରେ ଏହି ଘଣ୍ଟ ସେବକ ରଥଟଣା ବ୍ୟତୀତ କୌଣସି ଉତ୍ସବ, ଯାତ୍ରା, ଉପଯାତ୍ରାରେ ଘଣ୍ଟ ବାଦନ କରନ୍ତି ନାହିଁ। ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ, ନୀତି, ବିଧି ବିଧାନ ଖୁବ ଗୁପ୍ତ, ଗମ୍ଭୀର ତଥା ବ୍ୟାପକ। ପ୍ରଭୂଙ୍କର ରୂପ ଯେପରି ଅଦ୍ଭୁତ, ଠିକ ସେପରି ତାଙ୍କର ସେବା ମଧ ଅଦ୍ଭୁତ। ଏପରିକି ଶ୍ରୀମନ୍ଦିର ଭିତରେ ଅଙ୍ଗଲାଗି କୌଣସି ସେବକ ଅନ୍ୟ ସେବକର କାର୍ଯ୍ୟ ସମ୍ବନ୍ଧରେ ସଂପୂର୍ଣ୍ଣ ଅନଭିଜ୍ଞ। ରଥଯାତ୍ରାରେ ବଡ ଠାକୁର ବଳଭଦ୍ର, ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଓ ସଦୁର୍ଶନଙ୍କ ପହଣ୍ଡି ବିଜେ ଓ ତିନି ରଥଟଣା ହେବା ସମୟରେ ଘଣ୍ଟର ସମ୍ମିଳିତ ଧ୍ୱନୀ ସୃଷ୍ଟି ହେବା ସଙ୍ଗେ ଏକ ଅଲୌକିକ ପରିବେଶ ବଡଦାଣ୍ଡରେ ସୃଷ୍ଟି ହୁଏ। ସାରା ଉତ୍କଳ ଭୂଖଣ୍ଡରେ ଶ୍ରୀକ୍ଷେତ୍ର ପୁରୀର ଘଣ୍ଟୁଆ ମାନଙ୍କ ଘଂଟବାଦ୍ୟର ଶୈଳୀ ସଂପୂର୍ଣ୍ଣ ସ୍ୱତନ୍ତ୍ର ଓ ମନମୁଗ୍ଧକର। ସାରା ପୃଥିବୀରେ ରଥଯାତ୍ରା ଅନୁଷ୍ଠିତ ହେଉଥିଲେ ମଧ ଶ୍ରୀକ୍ଷେତ୍ରର ଘଣ୍ଟବାଦ୍ୟ ସବୁଠାରୁ ସ୍ୱତନ୍ତ୍ର। ବିଗ୍ରହ ମାନଙ୍କ ପହଣ୍ଡି ବିଜେ ସମୟରେ କାହାଳୀ, ପଖାଉଜ, ତେଲିଙ୍ଗି ବାଜା ଆଦି ନାନା ବାଦ୍ୟ ବାଜିଲେ ମଧ ଘଣ୍ଟ ହିଁ ପ୍ରଭୂଙ୍କର ମୁଖ୍ୟ ଆକର୍ଷଣୀୟ ବାଦ୍ୟ। ଘଣ୍ଟ ନିକଟରେ ଅନ୍ୟ ସବୁ ବାଦ୍ୟ ଗୌଣ ପ୍ରାୟ। ଆଲଟ ଚାମରରେ ଚତୁର୍ଦ୍ଧା ମୂର୍ତ୍ତି ଯେତେବେଳେ ଝୁଲି ଝୁଲି ଆସନ୍ତି, ସେହି ସମୟରେ ଟାହିଆର ତାଳେ ତାଳେ କେବଳ ଘଣ୍ଟ ବାଦ୍ୟ ହିଁ ପ୍ରଭୂଙ୍କର ଭଙ୍ଗୀ, ଠାଣୀ ଓ ଚାହାଣୀକୁ ଭକ୍ତଙ୍କ ଆଡକୁ ଆକର୍ଷିତ କରିଥାଏ। ଘଣ୍ଟୁଆ ସେବକ ଓ ଘଣ୍ଟବାଦ୍ୟ ବିନା ପ୍ରଭୂଙ୍କର ପହଣ୍ଡି ବିଜେ ସଂପୂର୍ଣ୍ଣ ହୁଏନାହିଁ। ଶ୍ରୀଜୀୟୁ ମାନଙ୍କ ପହଣ୍ଡି ବିଜେ ଓ ରଥଟଣା ସମୟରେ ଯେଉଁ ସେବକ ମାନେ ଏହି ସେବା ଯୋଗାନ୍ତି, ସେମାନେ ବୃତ୍ତିଗତ ଘଂଟ ବାଦ୍ୟକାର ନୁହନ୍ତି। ଶ୍ରୀମନ୍ଦିର ସ୍ୱତଲିପିରେ ଲିଖିତ ଅନେକ ସେବକଙ୍କ ମଧରେ ଏମାନେ ଅନ୍ୟତମ। ଶ୍ରୀଗୁଣ୍ଡିଚା ଓ ବାହୁଡା ଦିନ ରଥଟଣା ସମୟରେ ରଥ ଉପରେ ଘଣ୍ଟ ବଜାଇବା ସଙ୍ଗେ ସଙ୍ଗେ ରଥ ଉପରକୁ ମହାପ୍ରଭୂ ମାନଙ୍କର ପହଣ୍ଡି ବିଜେ, ବିଜେ ପ୍ରତିମା ମଦନ ମୋହନ, ରାମ-କୃଷ୍ଣ, ଜୟଦୁର୍ଗା ପ୍ରଭୃତି ଦେବାଦେବୀଙ୍କ ବିଜେ ତିଥିରେ ଘଣ୍ଟ ବାଦନର ସ୍ୱତନ୍ତ୍ରତା, ଏହି ଯାତ୍ରାକୁ ଉତ୍ସବ ମୁଖର କରେ। ଷଷ୍ଠୀ ଓ ସପ୍ତମୀରେ ଅନୁଷ୍ଠିତ ଦକ୍ଷୀଣ ମୋଡ ରଥଟଣା ଏବଂ ନୀଳାଦ୍ରୀ ବିଜେ ସମୟରେ ଏହି ଘଣ୍ଟ ସେବକ ମାନେ ଅତି ଆକର୍ଷଣୀୟ ଏବଂ ଚମତ୍କାର ଶୈଳୀରେ ଘଣ୍ଟବାଦ୍ୟ ଦ୍ୱାରା ପ୍ରଭୂ ମାନଙ୍କୁ ତୃପ୍ତ କରିଥାନ୍ତି। ଏହି ଘଣ୍ଟୁଆ ସେବକ ମହାପ୍ରଭୂଙ୍କର ଅତି ପ୍ରୀୟ। ଏହି ସେବକ ଖରୁଡା ବା କଂସାରୀ



ଜାତିର ହୋଇଥାନ୍ତି। ଶ୍ରୀକ୍ଷେତ୍ରର ଓ କଟକ ନିକଟସ୍ଥ ଭଟ୍ଟିମୁଣ୍ଡାର କଂସାରୀ ସଂପ୍ରଦାୟର ସେବକ ମାନେ କେବଳ ଏହି ସେବାକୁ କରିଥାନ୍ତି। ଶ୍ରୀକ୍ଷେତ୍ରରେ ତେଇଶି ଘର ଘଣ୍ଟୁଆ ଓ ଭଟ୍ଟିମୁଣ୍ଡାର ବାର ଘର କଂସାରୀଙ୍କୁ ଏହି ଘଣ୍ଟ ସେବା କରିବାର ଅଧିକାର ମିଳିଅଛି। ଏହି ଘଣ୍ଟ ବାଦନ ବାବଦରେ ଉଭୟ ପୁରୀ ଓ ଭଟ୍ଟିମୁଣ୍ଡାରେ ଚଢେଇଦନା ତାଡ ମିଳେ। ସେଇ ବାବଦରେ ସେମାନଙ୍କୁ ଖେଚେଡି ଭୋଗ ମିଳିବାର ବିଧି ରହିଛି। ଶ୍ରୀମନ୍ଦିରର ପ୍ରଶାସକଙ୍କ ତରଫରୁ ସେ ବାବଦରେ ଘଣ୍ଟୁଆ ସେବକ ମାନଙ୍କୁ ହଜାରେ ପଚାସ ଟଙ୍କା ଦିଆ ଯାଉଛି। ଶ୍ରୀମନ୍ଦିରର ପରମ୍ପରା ଅନୁସାରେ ପ୍ରତ୍ୟେକ ଘଣ୍ଟୁଆ ଶାଢୀ ପାଇବାର ସ୍ୱତ୍ୱଲିପିରେ ଉଲ୍ଲେଖ ଅଛି। ବାହୁଡା ଯାତ୍ରା ସମୟରେ ଘଣ୍ଟ ସେବକ ମାନଙ୍କୁ ସର୍ବମୋଟ ଛଅ ଖଣ୍ଡ ଶାଢୀ ମିଳିଥାଏ। ଇନ୍ଦ୍ରଦ୍ୟୁମ୍ନ ସରୋବର ନିକଟରେ ଅବସ୍ଥିତ ଗୋପୀନାଥ ମନ୍ଦିର ହେଉଛି ଶ୍ରୀକ୍ଷେତ୍ର କଂସାରୀ କୂଳର ଘଣ୍ଟୁଆ ନିଯୋଗ। ଗୋପୀନାଥ ମନ୍ଦିର ଏହି ଘଣ୍ଟୁଆ ନିଯୋଗ ଦ୍ୱାରା ପରିଚାଳିତ। ଏହି ନିଯୋଗ ପ୍ରତିବର୍ଷ ରଥଯାତ୍ରାରେ ଘଣ୍ଟୁଆ ମାନଙ୍କୁ ପଟେ ଲେଖାଏ ନୂଆ ଘଣ୍ଟ ଓ ଗାମୁଛା ଦେଇଥାନ୍ତି। ରଥଯାତ୍ରାର ପରିସମାପ୍ତି ପରେ ପ୍ରତ୍ୟେକ ଘଣ୍ଟୁଆ ସେବକ ଏହି ଘଣ୍ଟ ଗୁଡିକୁ ଫେରାଇ ଦିଅନ୍ତି। ରଥଯାତ୍ରା ଦିନ ପହଣ୍ଡି ଓ ରଥଟଣା ବେଳେ ଘଣ୍ଟ ସେବକ ଶୁଦ୍ଧପୂତ ଭାବରେ ନୂଆ ଧୋତି ଓ ଗାମୁଛା ପରିଧାନ କରି ଘଣ୍ଟ ବଜାନ୍ତି। କୌଣସି ଘଣ୍ଟୁଆ ସେବକ ରଥଯାତ୍ରା ସମୟରେ ଆମିଷ ଭକ୍ଷଣ କରନ୍ତି ନାହିଁ। ଭଟ୍ଟିମୁଣ୍ଡାର ଘଣ୍ଟ ସେବକ ମାନେ ବର୍ଷରେ ଦୁଇଥର ଉତ୍ସୁକତାର ସହ ଶ୍ରୀକ୍ଷେତ୍ରକୁ ଯାତ୍ରା କରନ୍ତି। ସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରାରେ ଘଣ୍ଟ ସେବାର ସୁଯୋଗ ପାଉ ଥିବାରୁ .ସେମାନେ ଅତ୍ୟନ୍ତ ନିଷ୍ପାପର ଓ ପବିତ୍ରତାର ସହ ନିଜର ଦାୟୀତ୍ୱ ସଂପାଦନ କରନ୍ତି। ଶାଢୀ ବନ୍ଧା ସେବା ହୋଇ ନଥିଲେ ମଧ ଘଣ୍ଟୁଆ ସେବକଙ୍କ ପରିବାରର କୌଣସି ସଦସ୍ୟଙ୍କ ମୃତ୍ୟୁ ଘଟିଲେ, ଶବ ସତ୍କାର ପାଇଁ ଶ୍ରୀ ମନ୍ଦିର ବୈଷବାଗ୍ନି ମିଳିଥାଏ। ଘଣ୍ଟୁଆ ସେବକ ମାନେ ନିଜକୁ ଶ୍ରୀ ଜଗନ୍ନାଥ ମହାପ୍ରଭୂଙ୍କ ପରିବାରର ଜଣେ ଜଣେ ସଦସ୍ୟ ଭାବେ ଗୌରବ ଅନୁଭବ କରନ୍ତି। ଶ୍ରୀକ୍ଷେତ୍ରର କୌଣସି ଖରୁଡା ସେବାରେ ସାମାନ୍ୟ ତ୍ରୁଟି ପରିଲକ୍ଷିତ ହେଲେ, ସଙ୍ଗେ ସଙ୍ଗେ ଭଟ୍ଟିମୁଣ୍ଡାର କଂସାରୀ ସେବକଙ୍କୁ ଏହି ସେବା ସମର୍ପି ଦିଆଯାଏ। ସେହିପରି ଭଟ୍ଟିମୁଣ୍ଡାର କଂସାରୀ ସେବକ ଯଦି ସେବାରେ ତ୍ରୁଟି କରନ୍ତି , ତେବେ ଅନ୍ୟ କଂସାରୀ ସେବକଙ୍କୁ ସେବା କରିବାର ଅବସର ମିଳିଥାଏ। ୨୦୦୪ ମସିହା ଠାରୁ ବଡ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଅଠେଇସି ଜଣ ଘଣ୍ଟୁଆ ସେବା ଯୋଗାଇଥାନ୍ତି। ଠିକ ସେହିପରି ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥରେ ଚବିଶ ଜଣ ଘଣ୍ଟ ସେବକ ଓ ମହାପ୍ରଭୂଙ୍କ ନନ୍ଦିଘୋଷ ରଥରେ ସର୍ବାଧିକ ବତିଶ ଜଣ ଘଣ୍ଟୁଆ ଘଣ୍ଟ ବାଦନ କରିଥାନ୍ତି। ତିନିରଥ ଟଣା ହେବା ବେଳେ ଘଣ୍ଟସେବକ ରଥ ଉପରେ ରହି ଡାକୁକଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରନ୍ତି। ବଡଦାଣ୍ଡରେ ରଥ ଗଡିବା ମାତ୍ରେ ଘଣ୍ଟୁଆ ସେବକ ତାର ଘଣ୍ଟ ବଜାଇବା ଆରମ୍ଭ କରିଦିଏ। ଯେତେ ସମୟ ରଥ ଗଡି ଚାଲୁଥାଏ, ସେତେ ସମୟ ପର୍ଯ୍ୟନ୍ତ ଅବିରତ ଘଣ୍ଟୁଆ ଘଣ୍ଟ ବଜାଉ ଥାଏ। ଯେଉଁଠି ରଥ ଅଟକିବ ସେହିକ୍ଷଣି ମଧ ଘଣ୍ଟବାଦ୍ୟ ବନ୍ଦ ହୋଇଥାଏ। ରଥ ଲକ୍ଷ ସ୍ଥଳରେ ପହଞ୍ଚିବା ପରେ ରଥଟଣା ସହ ଘଣ୍ଟୁଆଙ୍କ ଘଣ୍ଟବାଦ୍ୟ ବନ୍ଦ ହୋଇଥାଏ। ପ୍ରକୃତରେ ଘଣ୍ଟୁଆ ମାନେ ଘଣ୍ଟ ବଜାଇବା ଏକ ଭାବର ବିନିମୟ। ମହାପ୍ରଭୂଙ୍କ ସାନିଧ୍ୟ ସହିତ ଏକାକାର ହେବା ହିଁ ସେମାନଙ୍କ ଜୀବନର ଲକ୍ଷ। ଶ୍ରୀମନ୍ଦିର ରଥଯାତ୍ରା ସମୟର ଏହି ବିଚିତ୍ର ସେବା ସାରା ବିଶ୍ୱରେ ଥିବା କୌଣସି ମନ୍ଦିରରେ ପରିଦୃଷ୍ଟ ହୁଏନାହିଁ। ଅନେକ ସେବକ ମାନଙ୍କ ମ୍ନରୁ ଏହା ଏକ ସ୍ୱତନ୍ତ୍ର ସେବା। ଏହି ସେବା କେବଳ ଭକ୍ତି, ପ୍ରେମ ଓ ନିବିଡତାର ନିଦର୍ଶନ। ଏହି ସେବାରେ ପବିତ୍ରତା ଓ ପାରମ୍ପରିକତାକୁ ଅକ୍ଷୁର୍ଣ୍ଣ ରଖିବା ଦିଗରେ ପ୍ରତ୍ୟେକ ସେବକ ତତ୍ପର ହୋଇ ଉଠନ୍ତି। ଭକ୍ତି ଓ ଭାବର ଅନାବିଳ ସଂଯୋଗ ହିଁ ଘଣ୍ଟ ବାଦନ। ଏକଭାବରେ ମହାପ୍ରଭୂଙ୍କ ସଙ୍ଗେ ସମ୍ମିଳିତ ହେବାର ପ୍ରତୀକ ହିଁ ଘଣ୍ଟ ସେବା।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର,**
**ମୋ-୯୪୩୭୯୫୭୬୧୭**

# ଆଧ୍ୟାତ୍ମିକତାର ମହାମିଳନ ଓ ଗଣପର୍ବ ଶ୍ରୀଗୁଣ୍ଡିଚା ଯାତ୍ରା

## ଓଡିଶାର ସାଂସ୍କୃତିକ ଗୌରବ ଏବଂ ବିଶ୍ୱଭାତୃତ୍ୱର ଅନନ୍ୟ ପ୍ରତୀକ



ସୌଭାଗ୍ୟ ରଂଜନ ମହାନ୍ତି

ଓଡିଆ ଜାତିର ପ୍ରାଣକେନ୍ଦ୍ର, ସଂସ୍କୃତିର ମୂଳଦୁଆ ଏବଂ ଆଧ୍ୟାତ୍ମିକ ଚେତନାର ସର୍ବୋଚ୍ଚ ଅଭିବ୍ୟକ୍ତି ହେଉଛି ପବିତ୍ର ଘୋଷଯାତ୍ରା ବା ରଥଯାତ୍ରା, ଯାହା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ସାରା ବିଶ୍ୱରେ ଓଡିଆ ଅସ୍ମିତା ଓ ମାନବିକତାର ସବୁଠାରୁ ବଡ ପରିଚୟ ଅଟେ। ଚଳିତ ବର୍ଷ ୨୦୨୬ ମସିହାର ଏହି ମହାପାବନ ଅବସରରେ ଶ୍ରୀକ୍ଷେତ୍ର ପୁରୀଠାରୁ ଆରମ୍ଭ କରି ପୃଥିବୀର ପ୍ରତିଟି କୋଣ ଅନୁକୋଣରେ ଥିବା ଓଡିଆ ଭାଇଭଉଣୀଙ୍କ ହୃଦୟରେ ଜଗନ୍ନାଥ ସଂସ୍କୃତିର ସେହି ଅନାବିଳ ପ୍ରେମ ଓ ଭକ୍ତିର ଜୁଆର ଖେଳିଯାଇଛି, ଯାହା ସମଗ୍ର ମାନବ ସମାଜକୁ ଏକତାର ସୂତ୍ରରେ ବାନ୍ଧିବାର ମହାନ ବାର୍ତ୍ତା ପ୍ରଦାନ କରେ। ରଥଯାତ୍ରା ହେଉଛି ଜାତି, ଧର୍ମ, ବର୍ଣ୍ଣ ଏବଂ ସୀମାର ପ୍ରାଚୀରକୁ ଭାଙ୍ଗି ସମସ୍ତଙ୍କୁ ଆପଣେଇ ନେବାର ଏକ ଅଲୌକିକ ମାଧ୍ୟମ, ଯେଉଁଠାରେ ବଡଦେଉଳର ଅନ୍ଧାରୁଆ ଗର୍ଭଗୃହରୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ରତ୍ନବେଦୀ ଛାଡି ପତିତପାବନ ରୂପରେ ଜନସାଧାରଣଙ୍କ ମଧ୍ୟକୁ ଓହ୍ଲାଇ ଆସନ୍ତି। ଏହି ମହାଯାତ୍ରାର ସବୁଠାରୁ ବଡ ବିଶେଷତ୍ୱ ହେଉଛି ଏହାର ଗଣତାନ୍ତ୍ରୀକ ଏବଂ ସାର୍ବଜନୀନ ସ୍ୱରୂପ, କାରଣ ଯେଉଁମାନେ ମନ୍ଦିର ଭିତରକୁ ପ୍ରବେଶ କରିପାରନ୍ତି ନାହିଁ, ସେହି ଦୀନ, ଦୁଃଖୀ, ନିଷ୍ପେଷିତ ଓ ପତିତ ମାନଙ୍କୁ ଉଦ୍ଧାର କରିବା ପାଇଁ ଜଗତର ନାଥ ନିଜେ ବଡଦାଣ୍ଡକୁ ଆସିଥାନ୍ତି, ଯାହା ଜଗନ୍ନାଥ ସଂସ୍କୃତିର ସମାନତା ଓ ମାନବବାଦର ଶ୍ରେଷ୍ଠ ନିଦର୍ଶନ ଅଟେ। ଓଡିଶାର ଇତିହାସ, ପରମ୍ପରା, କଳା, ସ୍ଥାପତ୍ୟ ଏବଂ ସଙ୍ଗୀତ ସବୁକିଛି ଏହି ରଥଯାତ୍ରା ଚାରିପାଖରେ ଆବର୍ତ୍ତିତ ହୋଇଥାଏ, ଯାହା ପ୍ରତିଟି ଓଡିଆର ରକ୍ତ କଣିକାରେ ସ୍ପନ୍ଦିତ ହୁଏ। ରଥଯାତ୍ରାର ପ୍ରସ୍ତୁତି ପବିତ୍ର ଅକ୍ଷୟ ତୃତୀୟ ତିଥିରୁ ରଥ ଅନୁକୂଳ ସହିତ ଆରମ୍ଭ ହୋଇଥାଏ, ଯେଉଁଠାରେ ବଂଶାନୁକ୍ରମିକ ଭାବେ ଶ୍ରୀମନ୍ଦିରର ବିଶ୍ୱକର୍ମା ମହାରଣା, କରତିଆ, ଭୋଇ ଏବଂ ରୂପକାର ସେବକମାନେ କୌଣସି ଆଧୁନିକ ଯନ୍ତ୍ରପାତି କିମ୍ବା ବ୍ଲୁ-ପ୍ରିଂଟ ବିନା କେବଳ ନିଜର ପାରମ୍ପରିକ ପଦ୍ଧତି ଓ ଦୁଇ ହାତର ଯାଦୁରେ ତିନୋଟି ବିଶାଳକାୟ ରଥ-ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ-ନିର୍ମାଣ କରିଥାନ୍ତି, ଯାହା ଓଡିଆ କାରିଗରୀ କଳାର ସର୍ବଶ୍ରେଷ୍ଠ ପ୍ରମାଣ ଏବଂ ଆମର ଯୁବପିଢି ପାଇଁ ଏକ ଅଦ୍ଭୁତ ଶିକ୍ଷଣୀୟ କଳା ଅଟେ। ରଥଯାତ୍ରାର ପୂର୍ବରୁ ଅନୁଷ୍ଠିତ ଦେବସ୍ନାନ ପୂର୍ଣ୍ଣିମା, ଅଣସର ଘରର ରହସ୍ୟମୟ ଉପଚାର ଏବଂ ନବଯୌବନ ଦର୍ଶନ ପରେ ଯେତେବେଳେ ଶ୍ରୀବିଗ୍ରହମାନଙ୍କର ଧାଡି ପହଣ୍ଡି ଆରମ୍ଭ ହୁଏ, ସେତେବେଳେ ଘଂଟ, କାହାଳୀ, ମର୍ଦ୍ଦଳରେ ତାଳେ ତାଳେ ଓ ହରିବୋଲ ଏବଂ ହୁଳହୁଳି ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଉଠେ, ଯାହା ଭକ୍ତ ଭଗବାନଙ୍କ ମଧ୍ୟରେ ଥିବା ନିବିଡ ସମ୍ପର୍କର ପରିପ୍ରକାଶ କରେ। ଏହା ପରେ ଗଜପତି ମହାରାଜାଙ୍କର ଦ୍ୱାରା ଅନୁଷ୍ଠିତ ହେଉଥିବା 'ଛେରା ପହଁରା' ନୀତି ଏକ ଶ୍ରେଷ୍ଠ ସାମାଜିକ ବାର୍ତ୍ତା ବହନ କରେ, ଯେଉଁଠାରେ ରାଜ୍ୟର ସର୍ବୋଚ୍ଚ ଶାସକ ବା ରାଜା ନିଜକୁ ମହାପ୍ରଭୁଙ୍କର ଆଦ୍ୟ ସେବକ ଭାବରେ ସ୍ୱୀକାର କରି ରଥ ଉପରେ ସୁନା ଝାଡୁରେ ସମ୍ମାର୍ଜନୀ କରନ୍ତି, ଯାହା ପ୍ରମାଣିତ କରେ ଯେ ଈଶ୍ୱରଙ୍କ ଦରବାରରେ କେହି ବଡ କିମ୍ବା ସାନ ନୁହଁନ୍ତି ଏବଂ ଅହଂକାର ଶୂନ୍ୟ ହେବା ହିଁ ମାନବ ଜୀବନର ପରମ ଲକ୍ଷ୍ୟ ଅଟେ। ଯେତେବେଳେ ଲକ୍ଷ ଲକ୍ଷ ଭକ୍ତଙ୍କ ହାତ ରଥର ଦଉଡିକୁ ସ୍ପର୍ଶ କରେ ଏବଂ ରଥ ବଡଦାଣ୍ଡରେ ଗଡିବାକୁ ଆରମ୍ଭ କରେ, ସେତେବେଳେ ଜାତିର ସମସ୍ତ ବିଭେଦତା ଧୋଇଯାଏ ଓ କେବଳ ଆଧ୍ୟାତ୍ମିକତାର ଏକ ମହାସ୍ରୋତ ପ୍ରବାହିତ ହୁଏ। ଶ୍ରୀଗୁଣ୍ଡିଚା ମନ୍ଦିର ବା ମାଉସୀ ମା' ମନ୍ଦିରକୁ ଯାତ୍ରା କରି ମହାପ୍ରଭୁ ନଅ ଦିନ ପର୍ଯ୍ୟନ୍ତ ସେଠାରେ ରହନ୍ତି, ଯେଉଁଠାରେ ପୋଡପିଠା ଭୋଗର ପରମ୍ପରା ଆମର ପାରିବାରିକ ସ୍ନେହ ଓ ଅତିଥେୟତାର ପ୍ରତୀକ ଅଟେ। ବର୍ତ୍ତମାନର ଆଧୁନିକ ଯୁଗରେ ଶ୍ରୀଜଗନ୍ନାଥ ସଂସ୍କୃତିର ବିଶ୍ୱବ୍ୟାପୀ ପ୍ରସାର ଆମ ସାଂସ୍କୃତିକ ପର୍ଯ୍ୟଟନ ଓ ଅର୍ଥନୀତିକୁ ସମୃଦ୍ଧ କରିଛି, ମାତ୍ର ଏହା ସହିତ ଏହାର ମୂଳକ ଭାବଧାରା ଓ ପରମ୍ପରାର ଶୁଦ୍ଧତା ରକ୍ଷା କରିବା ଆମ ସମସ୍ତଙ୍କର ଦାୟିତ୍ୱ ଅଟେ। ଆଜି ବିଶ୍ୱର ବିଭିନ୍ନ ପ୍ରାନ୍ତରେ, ଆମେରିକାରୁ ଆରମ୍ଭ କରି ୟୁରୋପ, ଅଷ୍ଟ୍ରେଲିଆ ଓ ଏସିଆର ଅନେକ ଦେଶରେ ରଥଯାତ୍ରା ଅତି ଧୁମ୍ଧାମରେ ପାଳିତ ହେଉଛି, ଯାହା ଓଡିଶାର ଗୌରବକୁ ବିଶ୍ୱ ଦରବାରରେ ଶୀର୍ଷରେ ପହଂଚାଇଛି। ଏହି ଗଣପର୍ବର ଆମକୁ ସାମାଜିକ ସଂହତି, ପରିବେଶ ସୁରକ୍ଷା ଏବଂ ସମଗ୍ର ବିଶ୍ୱକୁ ଏକ ପରିବାର ଭାବେ ଗ୍ରହଣ କରିବାର (ବସୁଧୈବ କୁଟୁମ୍ବକମ୍) ଯେଉଁ ପ୍ରେରଣା ମିଳେ ତାହା ଆଜିର ଯୁଦ୍ଧଖୋର ଓ ବିଭାଜିତ ପୃଥିବୀ ପାଇଁ ଅତ୍ୟନ୍ତ ପ୍ରାସଙ୍ଗିକ ଅଟେ। ଆମେ ଏହା ଦୃଢ ଭାବରେ ଅନୁଭବ କରୁଛୁ ଯେ ରଥଯାତ୍ରା କେବଳ ଦିନକର ଉତ୍ସବ ନୁହେଁ, ବରଂ ଏହା ଓଡିଆ ଜୀବନଶୈଳୀର ଏକ ଚିରନ୍ତନ ଦର୍ଶନ, ଯାହା ଆମକୁ ସମସ୍ତଙ୍କ ସୁଖ ଓ ମଙ୍ଗଳ ପାଇଁ କାର୍ଯ୍ୟ କରିବାକୁ ଶିକ୍ଷା ଦିଏ। ଆସନ୍ତୁ ଏହି ମହାଯାତ୍ରାର ପବିତ୍ର ଅବସରରେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ଯେ ସାରା ବିଶ୍ୱରେ ଶାନ୍ତି, ସମୃଦ୍ଧି ଓ ସଦ୍ଭାବନା ପ୍ରତିଷ୍ଠା ହେଉ ଏବଂ ଆମର ଏହି ପ୍ରିୟ ଓଡିଶା ମହାପ୍ରଭୁଙ୍କ କୃପାରୁ ପ୍ରଗତିର ଏକ ନୂଆ ଶିଖର ଛୁଇଁପାରୁ। ଜୟ ଜଗନ୍ନାଥ ! ଏହି ପରିପ୍ରେକ୍ଷୀରେ, ଯଦି ଆମେ ରଥଯାତ୍ରାର ସେହି ପାରମ୍ପରିକ ଓ ବାସ୍ତବବାଦୀ ଦିଗକୁ ଅତିନିଖୁଣ ଭାବରେ ଅନୁଧ୍ୟାନ କରିବା, ତେବେ ଜଣାପଡେ ଯେ ଏହି ମହାପର୍ବ କେବଳ ଭକ୍ତି ଭାବନାରେ ସୀମିତ ନୁହେଁ, ବରଂ ଏହା ଶତାବ୍ଦୀ ଧରି ଚାଲିଆସୁଥିବା ଏକ ଜୀବନ୍ତ ଇତିହାସ, ସମାଜ ବିଜ୍ଞାନ ଓ କଠୋର ନିୟମାନୁବର୍ତ୍ତିତାରେ ବାସ୍ତବ ପ୍ରତିଫଳନ ଅଟେ। ରଥଯାତ୍ରାର ପ୍ରତିଟି ରୀତିନୀତି ପଛରେ ରହିଛି ଓଡିଶାର ମୂଳ ମାଟିର ବାସ୍ନା ଏବଂ ପ୍ରକୃତି ସହିତ ମାନବର ନିବିଡ ସମ୍ପର୍କ, ଯାହା କୌଣସି କାଳ୍ପନିକ ଆଡମ୍ବର ଉପରେ ଆଧାରିତ ନୁହେଁ। ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ, ଶ୍ରୀମନ୍ଦିରର ଛତିଶା ନିଯୋଗ ଓ ସେବାୟତମାନଙ୍କର ଶୃଙ୍ଖଳିତ କାର୍ଯ୍ୟଶୈଳୀ ଏହି ବିଶାଳ ଯାତ୍ରାକୁ ବାସ୍ତବ ରୂପ ଦେଇଥାଏ, ଯେଉଁଥିରେ ପ୍ରତିଟି ସେବକ ନିଜ ପରିବାରର ସୁଖଦୁଃଖକୁ ପଛରେ ପକାଇ ମହାପ୍ରଭୁଙ୍କ ସେବାକୁ ହିଁ ଜୀବନର ପରମ ବ୍ରତ ଭାବେ ଗ୍ରହଣ କରିଥାନ୍ତି। ରଥ ନିର୍ମାଣ ପାଇଁ ବ୍ୟବହୃତ ହେଉଥିବା ଧଉଡା, ଫାସୀ, ଅସନ ଓ ଶାଳ ଗଛର କାଠ ଚୟନ ଠାରୁ ଆରମ୍ଭ କରି ଜଙ୍ଗଲ ସୁରକ୍ଷା ପାଇଁ ପ୍ରଣୀତ ହୋଇଥିବା ପାରମ୍ପରିକ ଶ୍ରୀଜଗନ୍ନାଥ ବନପ୍ରକଳ୍ପ ଆମ ପୂର୍ବପୁରୁଷଙ୍କ ପରିବେଶ ସନ୍ତୁଳନ ରକ୍ଷା କରିବାର ବାସ୍ତବ ଦୂରଦୃଷ୍ଟିକୁ ଦର୍ଶାଇଥାଏ। ସେହିପରି ରଥଯାତ୍ରା ପୂର୍ବରୁ ମହାପ୍ରଭୁଙ୍କ ପବିତ୍ର ମହାପ୍ରଭୁଙ୍କ ପବିତ୍ର ଅଣସର ସମୟରେ ପ୍ରଦାନ କରାଯାଉଥିବା ଦଶମୂଳ ମୋଦକ, ଫୁଲୁରୀ ତେଲ ଓ ପ୍ରାକୃତିକ ଜଡିବୁଟିର ଚିକିତ୍ସା ଏକ ସମ୍ପୂର୍ଣ୍ଣ ଆର୍ଯୁର୍ବୈଦିକ ତଥା ବୈଜ୍ଞାନିକ ପ୍ରଣାଳୀ ଅଟେ, ଯାହା ମାନବ ଶରୀରର ଋତୁ ପରିବର୍ତ୍ତନ ଜନିତ ଅସୁସ୍ଥତାକୁ ବାସ୍ତବ ଜୀବନରେ ପ୍ରତିଫଳିତ କରିଥାଏ। ବଡଦାଣ୍ଡରେ ଯେତେବେଳେ ପ୍ରବଳ ଗ୍ରୀଷ୍ମ କିମ୍ବା ବର୍ଷା ସତ୍ତ୍ୱେ ଲକ୍ଷ ଲକ୍ଷ ସାଧାରଣ ଜନତା ବିନା କୌଣସି ସାମାଜିକ ପ୍ରଭେଦରେ ରଥ ଦଉଡିକୁ ଟାଣନ୍ତି, ସେତେବେଳେ ଓଡିଶାର ସେହି ପାରମ୍ପରିକ ଗ୍ରାମୀଣ ଭାତୃଭାବ ଓ ଆତ୍ମିକ ସମ୍ପର୍କର ପ୍ରକୃତ ସ୍ୱରୂପ ଦେଖିବାକୁ ମିଳିଥାଏ, ଯେଉଁଠାରେ ଧନୀ-ଦରିଦ୍ର, ରାଜା-ପ୍ରଜା ସମସ୍ତେ ଧୂଳିମାଟିରେ ଏକାକାର ହୋଇଯାନ୍ତି। ତା' ସହିତ ମାଉସୀ ମା' ମନ୍ଦିରରେ ମହାପ୍ରଭୁଙ୍କ ଅର୍ପଣ କରାଯାଉଥିବା ପୋଡପିଠା କେବଳ ଏକ ଭୋଗ ନୁହେଁ, ବରଂ ଓଡିଆ ଘରର ପାରମ୍ପରିକ ଖାଦ୍ୟ ସଂସ୍କୃତିର ସୁଆଦକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବାର ଏକ ବାସ୍ତବ ମାଧ୍ୟମ ଅଟେ। ତେବେ ସମୟ ବଦଳିବା ସହିତ ଆଜିର ବାସ୍ତବତା ହେଉଛି, ପାରମ୍ପରିକ ଜ୍ଞାନକୌଶଳ ଓ ଆଧୁନିକ ଗଣମାଧ୍ୟମର ପ୍ରସାର ଭିତରେ ରଥଯାତ୍ରାର ସେହି ମୂଳ ଶୁଦ୍ଧତା ଓ ସେବାୟତ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ଏକ ବଡ ଦାୟିତ୍ୱ ହୋଇପଡିଛି। ରାଜ୍ୟର ନବୀନ ପିଢି କିଭଳି ଭାବେ ରଥ ନିର୍ମାଣର ପାରମ୍ପରିକ ଶିଳ୍ପକଳା, ଗୀତଗୋବିନ୍ଦ ଗାନ ଏବଂ ଓଡିଶୀ ସଂସ୍କୃତିର ଏହି ବାସ୍ତବ ମୂଲ୍ୟବୋଧକୁ ଶିଖିବେ ଓ ବଂଚାଇ ରଖିବେ, ତାହା ହିଁ ଆଜିର ସମୟର ସବୁଠାରୁ ବଡ ଆବଶ୍ୟକତା ଅଟେ। ତେଣୁ ରଥଯାତ୍ରା କେବଳ ଧାର୍ମିକ ଭାବପ୍ରବଣତାର ପର୍ବ ନୁହେଁ, ବରଂ ଓଡିଆ ଜାତିର ସାମାଜିକ ଶୃଙ୍ଖଳା, ପାରମ୍ପରିକ ବିଜ୍ଞାନ ଓ ବାସ୍ତବ ଜୀବନ ବଂଚିବାର ଏକ ମହାନ କଳା ଅଟେ, ଯାହା ଯୁଗେ ଯୁଗେ ପ୍ରତିଟି ଓଡିଆଙ୍କୁ ନିଜ ମାଟି ଓ ପରମ୍ପରା ସହିତ ଦୃଢ ଭାବରେ ଯୋଡି ରଖିବାରେ ସଫଳ ହୋଇଛି।

**ସମ୍ମାନ ଭବନ,**
**ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-**
**୯୪୩୭୯୯୪୩୭୯**

ପ୍ରତିଶବ୍ଦ TV

ଭୁବନେଶ୍ୱର, ୧୭ ଜୁଲାଇ ୨୦୨୬

# ମା' ତାରିଣୀଙ୍କ ଆଶାଢ଼ୀ ପର୍ବ

- ସନ୍ଧ୍ୟା ସାତଟାରେ ଖୋଲିଲା ମାଙ୍କ ପହଡ଼
- ସୁନା ବେଶରେ ଦର୍ଶନ ଦେଉଛନ୍ତି ମା'

**ଘଟଗାଁ,୧୬।୭ :** ଆଜି କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ମା ଘଟଗାଁ ତାରିଣୀଙ୍କ ଆଶାଢ଼ୀ ପର୍ବ କ୍ଷ ଏହି ଉପଲକ୍ଷେ ଆଜି ଦିନବେଳା ମାଙ୍କ ମନ୍ଦିର ସମ୍ପୂର୍ଣ ବନ୍ଦ ରହିଥିଲା । ସନ୍ଧ୍ୟା ସାତଟାରୁ ମାଙ୍କ ମନ୍ଦିରର ପହଡ଼ ଖୋଲିବା ସହ ଯଥାରିତି ମାଙ୍କ ପୂଜା କାର୍ଯ୍ୟ ସମାପନ ହୋଇଛି । ସଂକୀର୍ତନ, ଘଣ୍ଟ ଘଂଟାରେ ପ୍ରକମ୍ପିତ ହେଉଛି ଘଟଗାଁ ପୀଠ, ସୁନାବେଶରେ



ଦର୍ଶନ ଦେଉଛନ୍ତି ମା ତାରିଣୀ । ରଥଯାତ୍ରା ଥିବାରୁ ଆଜି ମାଙ୍କ ପୀଠରେ ଭିଡ଼ ଦ୍ୱିଗୁଣିତ ହୋଇଥିବା ଦେଖିବାକୁ ମିଳିଛି । ରାତିରେ ପୂଜକଙ୍କ ଦ୍ୱାରା ନିଶା ପୂଜା ସମାପିତ ହେବ କ୍ଷ ରାତି ଦଶଟାରେ ମାଙ୍କ ପହଡ଼ ପଡିବ । ଏହି ପର୍ବ ଏକ କୃଷି ଭିତିକ ପର୍ବ ହୋଇଥିବା ବେଳେ ଏହି ପର୍ବରେ ମା ତାଙ୍କ ଭକ୍ତମାନଙ୍କ ପାଇଁ ଭଲ ବର୍ଷା ଓ ଭଲ ଚାଷ କାମନା କରି ଉପବାସ କରନ୍ତି ବୋଲି ଲୋକ କଥାରୁ ଜାଣିବାକୁ ମିଳେ । ତେଣୁ ନିକଟବର୍ତ୍ତୀ ବାଇଶିଖଣ୍ଡ ମୌଜାର ମୁଖିଆ ମାନେ ଆଜି ମାଙ୍କ ପୀଠରେ ଆସି ଭୋଗଲାଗି କରିଥାନ୍ତି।

# ଭକ୍ତିର ମହାସମୁଦ୍ରରେ ଭାସିଲା କୁରାଙ୍ଗ ଶାସନ, ଗଡ଼ିଲା ମହାପ୍ରଭୁଙ୍କ ନନ୍ଦିଘୋଷ

- ପହଣ୍ଡି ବିଜେଠାରୁ ରଥଟଣା ପର୍ଯ୍ୟନ୍ତ ଅପାର ଜନସମାଗମ
- କଡ଼ା ସୁରକ୍ଷାରେ ସଫଳ ରଥଯାତ୍ରା



**ଫୁଲନଖରା,୧୬।୭ :** ପବିତ୍ର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ପବିତ୍ର ଅବସରରେ କଟକ ସହରବାସୀଙ୍କ ପାଇଁ ଏକ ଖୁସିର ଖବର ଆସିଛି। କଟକ ମାଲଗୋଦାମ ଥାନା ଅନ୍ତର୍ଗତ କଲେଜ ଛକ, ସିଡିଏ ମାର୍କେଟ କମ୍ପ୍ଲେକ୍ସ ନିକଟରେ 'କଟକ କିଚେନ୍' ନାମକ ଏକ ଆଧୁନିକ ଭୋଜନାଳୟର ଶୁଭ ଉଦଘାଟନ ହୋଇଛି। ଓଡ଼ିଶା ସରକାରଙ୍କ ସହଯୋଗରେ ଓପୋଲଫେଡ଼ ପକ୍ଷରୁ ପରିଚାଳିତ ଏହି ସେଲ୍ସ ବୁଥ୍ କେବଳ ଏକ ଖାଦ୍ୟ କେନ୍ଦ୍ର ନୁହେଁ, ବରଂ ସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଣ, ରୋଜଗାର ସୃଷ୍ଟି ଏବଂ ସ୍ୱାବଲମ୍ବୀ ଓଡ଼ିଶା ଗଠନ ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓପୋଲଫେଡ ମାର୍କେଟିଂ ଅଧିକାରୀ ତାରେଣୀ କୁମାର ସାହୁ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଫିତା କାଟି ଶୁଭାରମ୍ଭ କରିଥିଲେ । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଓପୋଲଫେଡ଼ କେବଳ ଖାଦ୍ୟ ସେବାରେ ସୀମିତ ନୁହେଁ; ବରଂ ବେରୋଜଗାର ଯୁବକ-ଯୁବତୀ ଓ ମହିଳାମାନଙ୍କୁ ଆତ୍ମନିର୍ଭର କରାଇବା ଦିଗରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ସେଲ୍ସ ବୁଥ୍ ମାଧ୍ୟମରେ ରୋଜଗାର ସୃଷ୍ଟି କରିବା ଓ ସ୍ୱାବଲମ୍ବନର ବାର୍ତ୍ତା ପହଞ୍ଚାଇବା ହେଉଛି ସଂସ୍ଥାର ମୂଳ ଲକ୍ଷ୍ୟ। ଏହି ସଫଳତା ପାଇଁ ସେ ଓଡ଼ିଶା ସରକାରଙ୍କୁ ଶ୍ରେୟ ପ୍ରଦାନ କରିଥିଲେ। ଅତିଥିମାନେ ବିଶେଷ ଭାବରେ ଶ୍ରୀମତୀ ବାଣୀଶ୍ରୀ ଶତପଥୀଙ୍କ ଉଦ୍ୟମ, ପରିଶ୍ରମ ଓ ଦୂରଦୃଷ୍ଟିକୁ ଉଚ୍ଚ ପ୍ରଶଂସା କରିଥିଲେ। ତାଙ୍କ ନିଷ୍ଠା, ସଂକଳ୍ପ ଓ ଅକ୍ଲାନ୍ତ ପ୍ରୟାସ ଫଳରେ ଆଜି କଟକ ସହରରେ ଏହି ଓପୋଲଫେଡ଼ ସେଲ୍ସ ବୁଥ୍ ସଫଳତାର ସହ ଗଡ଼ି ଉଠିପାରିଛି ବୋଲି ସେମାନେ କହିଥିଲେ। ଏପରି ଉଦ୍ୟମୀ ମହିଳାମାନେ ସମାଜର ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। 'କଟକ କିଚେନ୍' ର ପ୍ରମୁଖ ବିଶେଷତା ହେଉଛି ଗ୍ରାହକମାନଙ୍କୁ ସୁଲଭ ମୂଲ୍ୟରେ ସ୍ୱାଦିଷ୍ଟ, ପୁଷ୍ଟିକର, ସ୍ୱାସ୍ଥ୍ୟକର ଏବଂ ଗୁଣାତ୍ମକ ନିରାମିଷ ଓ ଆମିଷ ଖାଦ୍ୟ ଯୋଗାଇବା। ଆଧୁନିକ ରୋଷେଇ ପ୍ରଣାଳୀ, ଖାଦ୍ୟର ଗୁଣବତ୍ତା, ସ୍ୱଚ୍ଛତା ଓ ପରିଚ୍ଛନ୍ନତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏଠାରେ ପ୍ରସ୍ତୁତ ହେଉଥିବା ପ୍ରତ୍ୟେକ ଖାଦ୍ୟ ସ୍ୱାସ୍ଥ୍ୟବିଧିକୁ ଅନୁସରଣ କରି ପ୍ରସ୍ତୁତ କରାଯିବା ସହ ଗ୍ରାହକଙ୍କ ସ୍ୱାସ୍ଥ୍ୟ ଓ ସନ୍ତୁଷ୍ଟିକୁ ପ୍ରାଥମିକତା ଦିଆଯିବ। ଏହି ଅବସରରେ ଏଜେଣ୍ଟ ଶ୍ରୀମତୀ ବାଣୀଶ୍ରୀ ଶତପଥୀ ଓ ପୋଲଫେଡ ମ୍ୟାନେଜିଂ ଡିରେକ୍ଟର ଡାଃ ଗିରିଧାରୀ ସାହୁ, ଜେନେରାଲ ମ୍ୟାନେଜର ଡାଃ ଅଜିତ କୁମାର ପତିଙ୍କୁ ଧନ୍ୟବାଦ ଦେବା ସହ କହିଥିଲେ ଯେ, "କଟକ କିଚେନ୍"ର ଲକ୍ଷ୍ୟ କେବଳ ଖାଦ୍ୟ ବିକ୍ରି ନୁହେଁ, ବରଂ ପ୍ରତ୍ୟେକ ଗ୍ରାହକଙ୍କୁ ଘରୋଇ ସ୍ୱାଦ ସହ ପୁଷ୍ଟିକର, ପରିଷ୍କାର ଓ ବିଶ୍ୱସନୀୟ ଖାଦ୍ୟ ପହଞ୍ଚାଇବା। ଭବିଷ୍ୟତରେ ଏହି ସେବାକୁ ଆହୁରି ବ୍ୟାପକ କରିବା ପାଇଁ ପ୍ରୟାସ ଜାରି ରହିବ। ଓପୋଲଫେଡ଼ର ଏହି ପଦକ୍ଷେପ କେବଳ ଏକ ବ୍ୟବସାୟିକ ପ୍ରକଳ୍ପ ନୁହେଁ,। କାର୍ଯ୍ୟକ୍ରମରେ ସୁକାନ୍ତ କୁମାର ଦାସ, ଜଗଦୀଶ ମହାନ୍ତି, ଦୁର୍ଲଭ କୁମାର ଦାସଙ୍କ ସମେତ ଓପୋଲଫେଡ଼ର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଜେଣ୍ଟ ଆଲୋକ କୁମାର ବେହେରା, ମହମ୍ମଦ କମଳ ଆଲ୍ଲାମ, କୀର୍ତ୍ତି ଚନ୍ଦ୍ର ସାମଲ, ପ୍ରମୋଦ ପୃଷ୍ଟି, ସୁଶାନ୍ତ କୁମାର ବେହେରା, ତ୍ରିଲୋଚନ ସାହୁ, ଏସ୍ କେ ବାବୁ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଲଳିତ ମୋହନ ଶତପଥୀ ଓ ଦୀପ୍ତି ରଞ୍ଜନ ଶତପଥୀ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। କଟକବାସୀଙ୍କ ପାଇଁ "କଟକ କିଚେନ୍" ନିଶ୍ଚିତ ଭାବେ ଏକ ବିଶ୍ୱସନୀୟ ଭୋଜନ କେନ୍ଦ୍ର ଭାବେ ପରିଚିତ ହେବ ବୋଲି ଆଶା ପ୍ରକାଶ ପାଇଛି ।

# ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ



**ଆଠମଲ୍ଲିକ,୧୬।୭:** ମାଧପୁର ଅଞ୍ଚଳ ର ରଞ୍ଜନ ପରେଖ, ବୃତ୍ତି ରେ ଜଣେ ମୋବାଇଲ ଓ ବିକ୍ରେତା, ବୟସ ୩୦-୩୧ ବର୍ଷ ହେବ ଆଜି ଅପରାହ୍ନରେ ରଥଯାତ୍ରା ଦେଖି ଘରକୁ ଫେରୁଥିବା ବେଳେ ଆଠମଲ୍ଲିକ ଠାରୁ ୧୦ କିମି ଦୂର ବଇଣ୍ଡା - କିଆକଟା ରାଜ୍ୟ ରାଜପଥ ର ଲାଉପାଳ ଛକ ନିକଟରେ ଅଜଣା ଗାଡି ଧକ୍କା ରେ ମୃତ୍ୟୁବରଣ କରିଛନ୍ତି । ସେ ଜଣେ ମେଳାପୀ ଓ ଲୋକପ୍ରିୟ ଯୁବକ ଥିଲେ କିଛି ବର୍ଷ ତଳେ ବିବାହ କରିଥିଲେ ମାତ୍ର ତାଙ୍କର କୈଣସି ସନ୍ତାନ ସନ୍ତତି ନ ଥିଲେ । ପ୍ରକାଶ ଥାଉକି ରଞ୍ଜନ ସନ୍ଧ୍ୟା ସମୟରେ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ଲାଉପାଳ ଛକ ନିକଟରେ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା ସେଥିରେ ତାଙ୍କର ମୁଣ୍ଡରେ ଗଭୀର ଆଘାତ ହୋଇଥିଲା ଘଟଣା ସମୟରେ ପ୍ରତେକ୍ଷଦର୍ଶୀ କେହି ନ ଥିଲେ ପରେ ସ୍ଥାନୀୟ ଲୋକ ଖବର ପାଇ ରକ୍ତାକ୍ତ ଅବସ୍ଥା ରେ ପଡିଥିବାର ଦେଖି ସ୍ଥାନୀୟ ଅଞ୍ଚଳର ଲୋକମାନେ ୧୦୮ ଆମ୍ବୁଲାନ୍ସ କୁ ଖବର ଦେଇଥିଲେ। ୧୦୮ ଯୋଗେ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟ କୁ ଅଣାଯାଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଲୋକପ୍ରିୟ ଯୁବକ ଙ୍କ ଅକାଳ ବିୟୋଗ ରେ ସ୍ଥାନୀୟ ଅଞ୍ଚଳବାସି ଓ ଆତ୍ମୀୟ ସ୍ୱଜନ ଗଭୀର ମର୍ମାହିତ ହୋଇଥିଲେ ।

# ଅଲ୍ ଓଡିଶା ମିନି ଟ୍ରକ ମାଲିକ ମହାସଂଘ ପକ୍ଷରୁ ରଥଯାତ୍ରାରେ ଅନ୍ନପ୍ରସାଦ ସେବା



**ଭୁବନେଶ୍ୱର, ୧୬।୭ :** ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ ଅଲ୍ ଓଡିଶା ମିନି ଟ୍ରକ ମାଲିକ ମହାସଂଘ ଆନୁକୁଲ୍ୟରେ ଏକ ଭବ୍ୟ ନିଃଶୁଳ୍କ ଅନ୍ନପ୍ରସାଦ ଓ ଜନସେବା କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଶ୍ରୀକ୍ଷେତ୍ରକୁ ଆସିଥିବା ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମହାପ୍ରସାଦ ବଣ୍ଟନ କରାଯିବା ସହ ବିଭିନ୍ନ ସେବା ଯୋଗାଇ ଦିଆଯାଇଥିଲା। ଏହି ସେବା କାର୍ଯ୍ୟରେ ମହାସଂଘର ସଭାପତି ବଳରାମ ମହାପାତ୍ର, ସମ୍ପାଦକ ରଣଜିତ୍ ମିଶ୍ର, କାର୍ଯ୍ୟକାରୀ ସଭାପତି ବିରଞ୍ଚି ସାହୁ, ଉପ-ସଭାପତି ଉମେଶ ସାହୁ ଓ କେଶବ ସାହୁ, ସହ-ସମ୍ପାଦକ ରାଜୀବ ପରିଡ଼ା ଏବଂ କୋଷାଧକ୍ଷ ରାକେଶ ସିନ୍ହା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏହାସହିତ ସମ୍ବଲପୁର ଜିଲ୍ଲା ସଭାପତି ଗଣେଶ ସାହୁ, ବାଲେଶ୍ୱର ଶାଖା ସଭାପତି ହୀରେନ୍ଦ୍ର ନାୟକ, ସମ୍ପାଦକ ଅଜୟ ଓଝା ଏବଂ ପୁରୀ ରଥଯାତ୍ରା କାର୍ଯ୍ୟକ୍ରମର ଅଧକ୍ଷ ସୁରେଶ ସାହୁଙ୍କ ସମେତ ରାଜ୍ୟର ସମସ୍ତ ଜିଲ୍ଲାରୁ ଆସିଥିବା କର୍ମକର୍ତ୍ତା ଓ ସଦସ୍ୟମାନେ ଏଥିରେ ସାମିଲ ହୋଇଥିଲେ। ଚଳିତ ବର୍ଷ ରଥଯାତ୍ରା ସମୟରେ ପ୍ରବଳ ବର୍ଷା ହୋଇଥିଲେ ସୁଦ୍ଧା, ସମସ୍ତ ସଦସ୍ୟଙ୍କ ନିଷ୍ଠାପର ଉଦ୍ୟମ ଓ ସହଯୋଗ ଯୋଗୁଁ ସେବା କାର୍ଯ୍ୟଟି ଅତ୍ୟନ୍ତ ସୂଚାରୁ ରୂପେ ସମ୍ପାଦିତ ହୋଇପାରିଛି। ମହାସଂଘର ଏଭଳି ଜନହିତକର କାର୍ଯ୍ୟକୁ ସେବା ପାଇଥିବା ଶ୍ରଦ୍ଧାଳୁ ଓ ସ୍ଥାନୀୟ ଜନସାଧାରଣ ବେଶ୍ ପ୍ରଶଂସା କରିଛନ୍ତି।

# ଯୁବକମାନଙ୍କ ଅବସ୍ଥା ସଙ୍କଟରେ

**କଳାହାଣ୍ଡି,୧୬।୭ :** ବହୁ ସଙ୍କଟରେ କାଳାତିପାତ କରୁଛନ୍ତି ଆଜିର ଯୁବକ ମାନେ । ସବୁବେଳେ କହି ଆସୁଛନ୍ତି ଯୁବକ ମାନେ ଆମ ଦେଶର ଭବିଷ୍ୟତ । ହଁ ଯୁବକ ମାନେ ଭବିଷ୍ୟତ ହେଲେ ଥରେ କାହାରି ନଜର ପଡେ ନାହିଁ । ଯେଉଁ ଯୁବକ ଟିକୁ ଭବିଷ୍ୟତ କହୁଥିଲେ ବାସ୍ତବରେ ତାର ଅବସ୍ଥା କଣ । କେମିତି ଅଛି ଯୁବକ ମାନଙ୍କର ଅବସ୍ଥା । ଭାରତ ଏକ ଜନବହୁଳ ଦେଶ । ସ୍ୱଭାବିକ ଯୁବକ ଙ୍କ ସଂଖ୍ୟା ଅଧିକ ହେବ । ସମସ୍ତେ କୁହନ୍ତି ଯୁବକ ମାନେ ଦେଶର ମେରୁଦଣ୍ଡ ।କିନ୍ତୁ ଥରେ ସେ ମେରୁଦଣ୍ଡ ବିଷୟରେ କେହି ଚିନ୍ତା କରୁଛନ୍ତି କି ? ସେ ମେରୁଦଣ୍ଡଟି ଏବେ କେଉଁ ପରିସ୍ଥିତି ରେ ରହୁଛି ।ଖାଲି ପୁଳା ପୁଳା ଭାଷଣ ଛଡା ଆଉ କିଛି ନାହିଁ ।ଯଦି ଯୁବକ ଟିକୁ ଦେଶର ମେରୁଦଣ୍ଡ କହୁଛ ସେ ମେରୁଦଣ୍ଡଟି ଆଜି ବଙ୍କା ହେବାକୁ ବସିଲାଣି ।ଭବିଷ୍ୟତ ଆଜି ବହୁ ମାତ୍ରାରେ ବେକାର ହୋଇ ବୁଲୁଛନ୍ତି । କଣ ପାଇଁ କହୁଛ ଯୁବକ ମାନେ ଦେଶର ଭବିଷ୍ୟତ ।ସରକାର ଆଜି ଯୁବକ ମାନଙ୍କୁ ନିଯୁକ୍ତି ଦେବାରେ ଅସମର୍ଥ । ଗୋଟେ ଛୋଟିଆ ଚାକିରୀ ପାଇଁ ଆଜି ହଜାର ହଜାର ଆବେଦନ କରୁଛନ୍ତି ଫେର ବହୁ ଉଚ୍ଚ ଶିକ୍ଷିତ । ସେଇ ଭବିଷ୍ୟତ ଆଜି ଚାକେରି ନ ପାଇ ଘରେ ମାଆ,ବାପା, ଭାଇ, ଭଉଣୀ ଙ୍କ ପାଇଁ ଯାଉଛି ଦାଦନ ଖଟିବାକୁ ।ହଁ ସେଇ ଦାଦନ ଶବ୍ଦଟି ରାଜନୈତିକ କ୍ଷେତ୍ରରେ ଖୁବ ଯୋର ଧରେ ପରେ ସେ ଶବ୍ଦଟି ବି ମଉଳି ଯାଏ । ଦେଶର ଭବିଷ୍ୟତ ଆଜି ଦାଦନ ଖଟୁଛି । ଘର ଠାରୁ ବହୁ ଦୂରରେ ତ କିଏ କୋଉ ଦୋକାନ ରେ ରହୁଛି ! ଉଚ୍ଚ ଶିକ୍ଷିତ ଯୁବକ ଆଜି ବେକାର । ସତରେ ଭବିଷ୍ୟତ ଆଜି ବର୍ତମାନ ପାଖରେ ଆଣ୍ଠୁ ମାଡି ବସି ପଡିଛି ! ଯଦି ଭବିଷ୍ୟତ ଆଜି ବର୍ତମାନ ପାଖରେ ଆଣ୍ଠୁ ମାଡି ବସିପଡ଼ିଛି ସତରେ ଭବିଷ୍ୟତ ଙ୍କ ଭାଗ୍ୟ ଅନ୍ଧାର ରେ ରହିଯିବ । ଆଜି ଆମ କଳାହାଣ୍ଡି ଜ଼ିଲ୍ଲା ରେ ବେକାରୀ ଏକ ମୁଖ୍ୟ ସମସ୍ୟା ହୋଇ ମୁଣ୍ଡ ଟେକିଛି । ପ୍ରତେକ ନିର୍ବାଚନ ରେ ନେତାମାନେ ପ୍ରତିଶୃତି ଦେଉଛନ୍ତି ସେମାନେ ଶାସନ ଭାର ସମ୍ଭାଳିଲେ ବେକାରୀ ସମସ୍ୟାର ଦୂରୀ କରିବେ । କିନ୍ତୁ ସ୍ୱାଧୀନତାର ଦୀର୍ଘ ବର୍ଷ ବିତି ଯାଉଥିଲେ ମଧ୍ୟ ସେ ସମାନ କଥା ।ଆଜି ଆମ କଳାହାଣ୍ଡି ଜ଼ିଲ୍ଲା ର ଉଚ୍ଚ ଶିକ୍ଷିତ ଯୁବକ ମାନେ ନିଯୁକ୍ତି ନ ପାଇ ବେକାର ହୋଇ ରହିଛନ୍ତି । କିଏ ଦାଦନ ଯାଉଛି ତ କିଏ କିଏ ଦୋକାନ ରେ କାମ କରି ଆଉ କିଏ କିଏ ଡକାୟତ କରିବାକୁ ପଛାଉ ନାହାନ୍ତି । ଆଜି ପ୍ରତେକ ଦିନ ବ୍ୟାଙ୍କ ଚୋରି ଖବର ଆସୁଛି ।ସରକାର କେବେ ବୁଝିଛନ୍ତି ଜଣେ ଯୁବକ ସରକାର ଙ୍କ ଧାର୍ଯ୍ୟ ବେତନ ଠୁଁବି କମ ପାଉଛି । ଯଦି ସେ ପ୍ରତିବାଦ କରେ ହୁଏତ ତା ପର ଦିନଠୁ ତା ବୁଢ଼ା ବାପା, ମାଆକୁ ଖାଇବା ଦେଇ ପାରିବ ନାହିଁ । ତା ବାପା, ମାଆ ର ଔଷଧ ଟିକେ ଦେଇ ପାରିବନାହିଁ । ବାଧ ହୋଇ ପଡିରହୁଛି । ସରକାର ଏ ଦିଗରେ ରାଜନୀତି ନ କରି ବହୁ ମାତ୍ରାରେ ଦେଶର ଭବିଷ୍ୟତ, ମେରୁଦଣ୍ଡ ଯୁବକ ମାନଙ୍କୁ ନିଯୁକ୍ତି ଦିଅନ୍ତୁ ।ମେରୁଦଣ୍ଡ ଟି ଯେପରି ବର୍ତମାନ ରେ ଆଣ୍ଠୁ ମାଡି ପଡି ନ ଯାଉ ସେ ଭବିଷ୍ୟତ ବନ୍ତୁ । ଏଥି ପ୍ରତି ସରକାର ଧ୍ୟାନ ଦେବା ଦରକାର । ସତରେ ଯୁବକ ମାନଙ୍କ ଅବସ୍ଥା ସଙ୍କଟ ରେ ଗତି କରୁଛି ।

# ଧଣ୍ଡାମୁଣ୍ଡାରେ ଭକ୍ତିମୟ ପରିବେଶରେ ଧୂମଧାମରେ ପାଳିତ ହେଲା ପବିତ୍ର ରଥଯାତ୍ରା



**ଖପ୍ରାଖୋଲ/ବଲାଙ୍ଗୀର, ୧୬।୭ :** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଧଣ୍ଡାମୁଣ୍ଡା ଗ୍ରାମରେ ପବିତ୍ର ରଥଯାତ୍ରା ଉତ୍ସବ ଚଳିତ ବର୍ଷ ଅତ୍ୟନ୍ତ ଆଡମ୍ବର, ଶୃଙ୍ଖଳା ଓ ଭକ୍ତିମୟ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସୁସଜ୍ଜିତ ରଥରେ ବିରାଜମାନ କରାଯାଇ ପାରମ୍ପରିକ ରୀତିନୀତି ଅନୁସାରେ ଗ୍ରାମ ପରିକ୍ରମା କରାଯାଇଥିଲା। ରଥଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ 'ଜୟ ଜଗନ୍ନାଥ' ଧ୍ୱନିରେ ରଥ ଟାଣି ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରିଥିଲେ। କୀର୍ତ୍ତନ, ଭଜନ, ଘଣ୍ଟ, ଶଙ୍ଖଧ୍ୱନି ଓ ହରିବୋଲରେ ସମଗ୍ର ଅଞ୍ଚଳ ଭକ୍ତିରସରେ ମୁଖରିତ ହୋଇଉଠିଥିଲା। ଗ୍ରାମରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିବା ବେଳେ ସବୁ ବର୍ଗର ଲୋକ ଉତ୍ସାହର ସହ ଏହି ପବିତ୍ର ଯାତ୍ରାରେ ସାମିଲ ହୋଇଥିଲେ। ଉତ୍ସବକୁ ସୁଚାରୁ ଓ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବା ପାଇଁ ରଥଯାତ୍ରା କମିଟି, ଗ୍ରାମବାସୀ ଓ ସ୍ୱେଚ୍ଛାସେବୀମାନେ ମିଳିତ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ସହ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧାର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଶାନ୍ତି, ଶୃଙ୍ଖଳା ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମଗ୍ର ରଥଯାତ୍ରା ସଫଳତାର ସହ ସମ୍ପନ୍ନ ହୋଇଥିବା ବେଳେ ଅଞ୍ଚଳବାସୀ ଏହାକୁ ନେଇ ଗଭୀର ଆନନ୍ଦ ଓ ଉତ୍ସାହ ପ୍ରକାଶ କରିଛନ୍ତି। ଏହି ପବିତ୍ର ରଥଯାତ୍ରା ଧଣ୍ଡାମୁଣ୍ଡା ଗ୍ରାମର ସାମ୍ପ୍ରଦାୟିକ ସଦ୍ଭାବ, ଐତିହ୍ୟ ଓ ଭକ୍ତିଭାବର ଏକ ସୁନ୍ଦର ନିଦର୍ଶନ ପାଲଟିଛି।

# ମଦ ଦୋକାନକୁ ତାଲା ପକାଇଲେ ମହିଳା: ନିଶା ପାଇଁ ଅଶାନ୍ତରେ କେସିଙ୍ଗା

**କଳାହାଣ୍ଡି,୧୬।୭ :** କଳାହାଣ୍ଡି ଜିଲ୍ଲା କେସିଙ୍ଗା ନିଶାନ୍ତ ବାର ପାଇଁ ବର୍ତ୍ତମାନ କେସିଙ୍ଗା ଅଶାନ୍ତ ହୋଇପଡ଼ିଛି। ଦୀର୍ଘ ଏକମାସ ଧରି ଉପୁଜିଥିବା ସମସ୍ୟା ଆଜି ଯାଏଁ ସମାଧାନ ହୋଇନଥିବାରୁ ଦିନକୁଦିନ ଉତ୍ତେଜନା ବଢ଼ିବାରେ ଲାଗିଛି। ଆଗରୁ ଏନଓସି ଦେଇଥିବା ଏନଏସି ଅଞ୍ଚଳବାସୀଙ୍କ ଭାବାବେଗକୁ ଦେଖି ଏନଓସି ବାତିଲ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିଶାନ୍ତ ବାର ସ୍ଥାନାନ୍ତରଣ ବାତିଲ ଆଦେଶ ନ ଆସିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି ।ସ୍ଥାନୀୟ ଅବକାରୀ କାର୍ଯ୍ୟାଳୟ ରୁ ଆରମ୍ଭ କରି କେସିଙ୍ଗା ପୋଲିସ ଷ୍ଟେସନରେ ଅଭିଯୋଗ ପୁଣି ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ ସହ ଉପ ଜିଲ୍ଲାପାଳଙ୍କୁ ସମସ୍ୟା ଉପରେ ଅବଗତ କରାଯାଇ କିପରି ଓଡ଼ିଶା ଅବକାରୀ ନିୟମ -୨୦୧୭ର ଉଲ୍ଲଙ୍ଘନ ନିଶାନ୍ତ ବାର ମାଲିକ କରୁଛନ୍ତି ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ନିୟମ ଅନୁସାରେ କୌଣସି ମଦ ଦୋକାନ କିମ୍ବା ବାର ଜନ ବସତି, ସ୍କୁଲ, କିମ୍ବା ମନ୍ଦିର ପାଖରେ ହୋଇ ପାରିବ ନାହିଁ ବୋଲି ଉଲ୍ଲେଖ ରହିଥିଲେ ମଧ୍ୟ ସବୁ ପ୍ରକାର ବିରୋଧକୁ ଖାତିର ନକରି ନିଶାନ୍ତ ବାର ମାଲିକ ଜନସାଧାରଙ୍କ ବିରୋଧ ସ୍ଥାନରେ ତିନୋଟି ଘର ଭଡ଼ା ସୂତ୍ରରେ ନେଇ କିଭଳି ନିଜର ବ୍ୟବସାୟୀକ ଭିତ୍ତିଭୂମି ପ୍ରସ୍ତୁତି ଆରମ୍ଭକରୁଛି ତାହା କେସିଙ୍ଗାବାସୀଙ୍କୁ ଚକିତ କରୁଛି। ଗତକାଲି ୱାର୍ଡର ପ୍ରାୟ ୩୦ ଜଣ ମହିଳାଙ୍କ ସମେତ ସିଟିଜନ ଫୋରମର ଅନେକ ସଦସ୍ୟ ଉକ୍ତ ବିଷୟରେ ଆଲୋଚନା ମାଧ୍ୟମରେ ବିବାଦ ସମାଧାନ ପାଇଁ ବାର ମାଲିକଙ୍କୁ ଡାକିଥିଲେ। ଏହି ବିବାଦୀୟ ସ୍ଥାନରେ ବାର ନଖୋଲି ଅନ୍ୟସ୍ଥାନରେ ବାର ଖୋଲିବା ପାଇଁ କହିଥିଲେ ମଧ୍ୟ ବାର ମାଲିକ ଅସହମତି ପ୍ରକାଶ କରିଥିଲେ। ଶେଷରେ ଉପସ୍ଥିତ ମହିଳାମାନେ ବାର ପାଇଁ ଭଡ଼ା ନେଇଥିବା ତିନୋଟି ଘରକୁ ତାଲା ଦେଇ କେସିଙ୍ଗା ଥାନାକୁ ଯାଇ ପୁଣିଥରେ ବାର ନାମରେ ଲିଖିତ ଅଭିଯୋଗ କରିଥିଲେ।



# ବର୍ଷାରେ ଛାତ ଢଳେଇ: କାହା ଇସାରାରେ ଚାଲିଛି ଏହି ବେପରୁଆ କାମ ?

- ବିଡିଓଙ୍କ ଉପସ୍ଥିତିକୁ ନେଇ ବଢ଼ିଲା ବିବାଦ
- ଜେଇ-ଠିକାଦାରଙ୍କ ମିଳିଭଗତ ଅଭିଯୋଗ




**ଜଗତସିଂହପୁର,୧୬।୭ :** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ପରିସରରେ ଚାଲିଥିବା ଏକ ସରକାରୀ ନିର୍ମାଣ କାର୍ଯ୍ୟକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ବ୍ଲକ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଭବନର ଦ୍ୱିତୀୟ ମହଲାର ଛାତ ଢଳେଇ ପ୍ରବଳ ବର୍ଷା ସମୟରେ କରାଯାଉଥିବା ଅଭିଯୋଗ ସାମ୍ନାକୁ ଆସିଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏହି କାର୍ଯ୍ୟ ବିଡିଓଙ୍କ ଉପସ୍ଥିତିରେ ହୋଇଥିବା ଅଭିଯୋଗ ହେବାରୁ ପ୍ରଶାସନର ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ନିର୍ମାଣ କାର୍ଯ୍ୟରେ ବୈଷୟିକ ମାନଦଣ୍ଡ ଅନୁଯାୟୀ ପ୍ରବଳ ବର୍ଷା ସମୟରେ ଛାତ ଢଳେଇ କରିବା ଉଚିତ ନୁହେଁ। ବର୍ଷାର ପାଣି ସିମେଣ୍ଟ-କଂକ୍ରିଟର ଅନୁପାତକୁ ପ୍ରଭାବିତ କରି ନିର୍ମାଣର ଗୁଣବତ୍ତାକୁ କ୍ଷତିଗ୍ରସ୍ତ କରିପାରେ। ଏଭଳି ପରିସ୍ଥିତିରେ ଛାତର ସ୍ଥାୟୀତ୍ୱ ଓ ସୁରକ୍ଷା ଉପରେ ମଧ୍ୟ ପ୍ରଶ୍ନ ଉଠିବା ସ୍ୱାଭାବିକ। ସ୍ଥାନୀୟ ମହଲରେ ଚର୍ଚ୍ଚା ହେଉଛି ଯେ, କେଉଁ ସାହସ ଓ କାହାର ପ୍ରଶ୍ରୟରେ ଠିକାଦାର ଏଭଳି ବର୍ଷା ମଧ୍ୟରେ ଛାତ ଢଳେଇ କାର୍ଯ୍ୟ ଜାରି ରଖିଲେ ? ଏହା ପଛରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ (ଜେଇ) ଓ ଠିକାଦାରଙ୍କ ମଧ୍ୟରେ ଅସାଧୁ ମିଳିଭଗତ ଥିବା ଅଭିଯୋଗ ମଧ୍ୟ ଉଠୁଛି। କାମର ଗୁଣବତ୍ତାକୁ ଅଣଦେଖା କରି କେବଳ ବିଲ୍ ପାସ୍ କରିବା ପାଇଁ ତରବରିଆ ଭାବେ କାର୍ଯ୍ୟ ସରାଯାଉଥିବା ଚର୍ଚ୍ଚା ମଧ୍ୟ ଜୋର ଧରିଛି। ସରକାରୀ ଅର୍ଥରେ ହେଉଥିବା ଏହି ନିର୍ମାଣ କାର୍ଯ୍ୟରେ ଯଦି ଗୁଣବତ୍ତାକୁ ବଳି ପକାଯାଏ, ତେବେ ଭବିଷ୍ୟତରେ ସରକାରୀ ସମ୍ପତ୍ତି କ୍ଷତିଗ୍ରସ୍ତ ହେବା ସହ ଜନସାଧାରଣଙ୍କ ଟଙ୍କା ମଧ୍ୟ ପାଣିରେ ପଡ଼ିବ ବୋଲି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ପ୍ରବଳ ବର୍ଷା ମଧ୍ୟରେ ଛାତ ଢଳେଇ ପାଇଁ କିଏ ଅନୁମତି ଦେଲେ, କେଉଁ ପରିସ୍ଥିତିରେ କାର୍ଯ୍ୟ ଚାଲିଲା ଏବଂ ନିର୍ମାଣର ଗୁଣବତ୍ତା ଯାଞ୍ଚ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ବିଜେପି କୃଷକ ମୋର୍ଚ୍ଚାର ପୂର୍ଣ୍ଣାଙ୍ଗ ଟିମ୍ ଘୋଷଣା

# ସାଧାରଣ ସମ୍ପାଦକ ହେଲେ ସୌଭାଗ୍ୟ ମାନସ ନାୟକ

**ବାଲେଶ୍ୱର,୧୬।୭ :** ବାଲେଶ୍ୱର ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଅନୁମୋଦନ କ୍ରମେ ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚାର ପୂର୍ଣ୍ଣାଙ୍ଗ ଟିମ୍ ଘୋଷଣା କରାଯାଇଛି। ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତାପସ ମହାନ୍ତି ସାଧାରଣ ସମ୍ପାଦକ ଭାବେ ଯୁବ ନେତା ସୌଭାଗ୍ୟ ମାନସ ନାୟକଙ୍କୁ ନିଯୁକ୍ତ କରିଛନ୍ତି ।ସେହିପରି ମହେଶ୍ୱର ଗିରିଙ୍କୁ କାର୍ଯ୍ୟାଳୟ ସମ୍ପାଦକ, ବିକ୍ରମ ବିଶ୍ୱାଳଙ୍କୁ ଆଇଟି ସେଲ୍ ସହ-ସଂଯୋଜକ ଭାବେ ଦାୟିତ୍ୱ ମିଳିଛି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ କମଳାକାନ୍ତ ଦାସ, ଲମ୍ବୋଦର ମହାପାତ୍ର, ସୁଷମା ମହାପାତ୍ର, ଓମ୍ ପ୍ରକାଶ ପ୍ରଧାନ, ତନୟ ମହାନ୍ତି ଓ ଉର୍ମିଳା ବେହେରାଙ୍କୁ ସ୍ଥାନ ଦିଆଯାଇଛି ।ଉଲ୍ଲେଖଯୋଗ୍ୟ ଯେ, ଜିଲ୍ଲା ପଦାଧିକାରୀ, କାର୍ଯ୍ୟକାରିଣୀ ସଦସ୍ୟ, ମଣ୍ଡଳ ସଭାପତି ଓ ମଣ୍ଡଳ କମିଟି ଗଠନ ସଫଳତାର ସହ ସମ୍ପୂର୍ଣ୍ଣ କରିଥିବାରୁ ବାଲେଶ୍ୱର ଜିଲ୍ଲା କୃଷକ ମୋର୍ଚ୍ଚାକୁ ରାଜ୍ୟରେ ଏକ ନମ୍ବର ସଂଗଠନ ଭାବେ ପ୍ରଶଂସା କରାଯାଇଛି। ଏହି ସଫଳତା ପାଇଁ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଭୁବନେଶ୍ୱରସ୍ଥିତ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ତାପସ ମହାନ୍ତିଙ୍କୁ ଅଭିନନ୍ଦନ ଜଣାଇଥିଲେ।

# କୂଅରୁ ଜଙ୍ଗଲୀ ବିଲୁଆକୁ ଉଦ୍ଧାର କଲା ବନବିଭାଗ



**ବଣାଇଁ, ୧୬।୭ :** ବଣେଇ ବନଖଣ୍ଡର କୁଲିପୋଷ ରେଞ୍ଜ ଅନ୍ତର୍ଗତ ଖୁଣ୍ଟଙ୍ଗା ଗ୍ରାମର ଏକ କୂଅରେ ଜଙ୍ଗଲି ବିଲୁଆ ପଡ଼ି ଗୁରୁତର ଥିବା ବେଳେ ତାକୁ ଉଦ୍ଧାର କଲା ବନବିଭାଗ। ଏକ ଜଙ୍ଗଲି ବିଲୁଆ ଖାଦ୍ୟ ଅନ୍ୱେଷଣରେ ଆସି ଖୁଣ୍ଟଗାଁ ଗ୍ରାମର ମନୋଜ କୁମାର ବେହେରାଙ୍କ ବାଡିରେ ଥିବା ପଥର କୂଅରେ ପଡ଼ି ଯାଇଥିଲା, କୂଅ ମାଲିକ ମନୋଜ କୂଅରେ ବିଲୁଆ ପଡ଼ି ଯାଇଥିବା ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ ଫଳରେ ବନ ବିଭାଗର କର୍ମଚାରୀ ଓ ତାଙ୍କ ଉଦ୍ଧାରକାରୀ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ରଣ କୌଶଳ କରି ଉଦ୍ଧାର କରିବାରେ ସଫଳ ହୋଇଥିଲେ। ଉଦ୍ଧାର ପରେ ଉକ୍ତ ବିଲୁଆଟି ସେଠାରୁ ଦୌଡ଼ି ପଳାଇଥିବା ସୂଚନା ମିଳିଛି।

# ୭୦ ବର୍ଷର ଅପେକ୍ଷାର ଅନ୍ତ, ଭୂମିହୀନଙ୍କ ହାତରେ ପହଞ୍ଚିଲା ପଟ୍ଟା

- ବସୁନ୍ଧରା ଯୋଜନାରେ ଦୁଇ ପରିବାରଙ୍କୁ ୪ ଡିସିମିଲ ଲେଖାଏଁ ଜମି
- ପ୍ରଶାସନର ପଦକ୍ଷେପକୁ ଗ୍ରାମବାସୀଙ୍କ ସ୍ୱାଗତ

**ଜଗତସିଂହପୁର,୧୬।୭ :** ଦୀର୍ଘ ୭୦ ବର୍ଷର ଅପେକ୍ଷା ଶେଷରେ ଦୁଇ ଭୂମିହୀନ ପରିବାରଙ୍କ ମୁହଁରେ ଫୁଟିଛି ହସ। ଜଗତସିଂହପୁର ଜିଲ୍ଲା ବାଲିକୁଦା ତହସିଲ ଅନ୍ତର୍ଗତ ଅପଣ୍ଡରା ଆରଆଇ ସର୍କଲର ନଲରା ନୂଆଗାଁ ଗ୍ରାମର କୈଳାଶ ପଲାଉରୀ ଓ ଯୋଗେନ୍ଦ୍ର ପଲାଉରୀଙ୍କୁ ବସୁନ୍ଧରା ଯୋଜନାରେ ୪ ଡିସିମିଲ ଲେଖାଏଁ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି। ଦୀର୍ଘ ଦଶନ୍ଧି ଧରି ସରକାରୀ ଗୋଚର ଜମିରେ ବସବାସ କରୁଥିବା ଏହି ଦୁଇ ପରିବାର ପାଇଁ ଏହା ଏକ ସ୍ୱପ୍ନ ପୂରଣ ସଦୃଶ ହୋଇଛି। ସୂଚନାନୁସାରେ, ଉଭୟ ପରିବାର ପ୍ରାୟ ୭୦ ବର୍ଷ ଧରି ଗୋଚର ଜମିରେ ରହୁଥିଲେ। ସେମାନଙ୍କ ପିତା ସ୍ଥାୟୀ ପଟ୍ଟା ପାଇଁ ବାରମ୍ବାର ତହସିଲ ପ୍ରଶାସନ ନିକଟରେ ଆବେଦନ କରିଥିଲେ ମଧ୍ୟ ଜୀବନକାଳରେ ସଫଳ ହୋଇପାରିନଥିଲେ। ପଟ୍ଟା ନଥିବାରୁ ଯୋଗେନ୍ଦ୍ର ପଲାଉରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ମଧ୍ୟ ବାରମ୍ବାର ବଞ୍ଚିତ ହୋଇ ଏକ ଭଙ୍ଗା ଚାଳଛପର ଘରେ ଅତି ଦୟନୀୟ ଅବସ୍ଥାରେ ପରିବାର ସହ ଜୀବନ ବିତାଉଥିଲେ। ପରେ ଏହି ଘଟଣା ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆସିବା ପରେ ସେତେବେଳର ତହସିଲଦାର ଆଲୋକ ରଞ୍ଜନ ସେଠୀ ବସୁନ୍ଧରା ଯୋଜନାରେ ଉଭୟ ପରିବାରଙ୍କୁ ସାମିଲ କରିବା ପାଇଁ ପ୍ରାଥମିକ ତଦନ୍ତ କରି ରିପୋର୍ଟ ଉପଜିଲ୍ଲାପାଳଙ୍କୁ ପଠାଇଥିଲେ। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ବର୍ତ୍ତମାନର ତହସିଲଦାର ବିକାଶ ରଞ୍ଜନଙ୍କ ନେତୃତ୍ୱରେ ପୁନଃ ତଦନ୍ତ କରାଯାଇଥିଲା।

ତହସିଲଦାର ବିକାଶ ରଞ୍ଜନ, ଅତିରିକ୍ତ ତହସିଲଦାର ଜଗତଜ୍ୟୋତି ପଟ୍ଟନାୟକ ଓ ପିଙ୍କି ନାୟକ, ଅପଣ୍ଡରା ଆରଆଇ ଅମିନ ରଘୁବୀର ସିଂ ଏବଂ ଆରଆଇ ଦୀପ୍ତୀରଞ୍ଜନ ମହାରଣା ଘଟଣାସ୍ଥଳକୁ ଯାଇ ଗ୍ରାମବାସୀଙ୍କ ମିଳିତ ବିବୃତ୍ତି, ଆବେଦନପତ୍ର ଓ ବାସସ୍ଥାନର ସ୍ଥିତି ଯାଞ୍ଚ କରି ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରିଥିଲେ। ଏହାପରେ ମଙ୍ଗଳବାର ତହସିଲ କାର୍ଯ୍ୟାଳୟ ପକ୍ଷରୁ ଉଭୟ ପରିବାରଙ୍କୁ ୪ ଡିସିମିଲ ଲେଖାଏଁ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଥିଲା। ରାଜ୍ୟରେ ବିଜେପି ସରକାର ଗଠନ ପରେ ବାଲିକୁଦା ବ୍ଲକରେ ଭୂମିହୀନଙ୍କୁ ପଟ୍ଟା ପ୍ରଦାନର ଏହା ପ୍ରଥମ ଘଟଣା ବୋଲି ସ୍ଥାନୀୟ ମହଲରେ ଆଲୋଚନା ହେଉଛି। ତହସିଲଦାର ବିକାଶ ରଞ୍ଜନ କହିଛନ୍ତି, ବସୁନ୍ଧରା ଯୋଜନାରେ ଆବେଦନ କରିଥିବା ଅନ୍ୟ ଯୋଗ୍ୟ ଭୂମିହୀନଙ୍କ ଆବେଦନ ମଧ୍ୟ ପର୍ଯ୍ୟାୟକ୍ରମେ ଯାଞ୍ଚ କରାଯାଇ ନିୟମ ଅନୁଯାୟୀ ପଟ୍ଟା ପ୍ରଦାନ କରାଯିବ। ପଟ୍ଟା ବଣ୍ଟନ ଅବସରରେ ଶରତ ସ୍ୱାଇଁ, ପବିତ୍ର ସ୍ୱାଇଁ, ସୁଦର୍ଶନ ରାଉତ, କାଳନ୍ଦୀ ନାୟକ, ନନ୍ଦ ରାଉତ, ବିଚିତ୍ରାନନ୍ଦ ମଲ୍ଲିକ, ବିକ୍ରମ ବାରିକ, ବିଷ୍ଣୁ ସ୍ୱାଇଁ, ନରେନ୍ଦ୍ର ପୁହାଣ, ନର୍ମଦା ସ୍ୱାଇଁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହି ପ୍ରଶାସନକୁ କୃତଜ୍ଞତା ଜଣାଇଥିଲେ।



## ବ୍ଲକର ବିଭିନ୍ନ ସ୍ଥାନରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା

**ରଙ୍ଗେଇଲୁଣ୍ଡା,୧୬।୭ :** ଆଜି ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା। ଏଥିପାଇଁ ପୁରପଲ୍ଲୀ ଉତ୍ସବ ମୁଖର ,ଏହି ପରିପ୍ରେକ୍ଷୀରେ ରଙ୍ଗେଇଲୁଣ୍ଡା ବ୍ଲକର ଭୈରବୀ, ରଣ୍ଡା,କନିଷି ହାଟ ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ପାଳନ ହୋଇଛି ରଥଯାତ୍ରା, ରୀତିନୀତି ଅନୁଯାୟୀ ପହଣ୍ଡି, ଛେରାପହଁରା ଓ ରଥଟଣା କାର୍ଯ୍ୟ ଅନୁଷ୍ଠିତ ହୋଇଛି । ରଥଯାତ୍ରା ଶାନ୍ତି ଶୃଙ୍ଖଳା ସହ ଅନୁଷ୍ଠିତ ହୋଇଛି । ଶ୍ରୀଜୀଉଙ୍କ ପାରମ୍ପରିକ ପୂଜାର୍ଚ୍ଚନା ପରେ ଅପରାହ୍ନରେ ରଥାରୁଢ ଠାକୁରଙ୍କୁ ଟାଣି ନେଇଥିଲେ ଭକ୍ତ । ଜୟ ଜଗନ୍ନାଥ, ହରିବୋଲ ହୁଳହୁଳି ସହ ଘଣ୍ଟି, ଶଙ୍ଖ ମହୁରୀ , ଢୋଲରେରେ ପ୍ରୋକମ୍ପିତ ହୋଇଥିଲା ପରିବେଶ , ବେସ୍ ଆନନ୍ଦ ଉଲ୍ଲାସର ସହ ରଥଯାତ୍ରା ପାଳିତ ହୋଇଛି। ସକାଳୁ ତିନି ଠାକୁରଙ୍କୁ ଧାଡ଼ି ପହଣ୍ଡିରେ ଅଣାଯାଇ ରଥାରୁଢ କରାଯାଇଥିଲା । ଏହାପରେ ଛେରା ପହଁରା କରିବା ପରେ ରଥ ଟାଣି ମାଉସୀ ମା ମନ୍ଦିରରେ ପହଞ୍ଚାଇଥିଲେ ଭକ୍ତ । ଶାନ୍ତିଶୃଙ୍ଖଳା ରକ୍ଷା କରିବାପାଇଁ ଗୋଳନ୍ଥରା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଥାନା କର୍ମଚାରୀମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

## ବଡ଼ବଜାର ଖାସ୍ପା ସାହିରେ ରଥଯାତ୍ରା



**ବ୍ରହ୍ମପୁର, ୧୬।୭ :** ବଡ଼ ବଜାର ଖାସ୍ପା ସାହି ରେ ବଡ଼ ଜଗନ୍ନାଥ ଓ ସାନ ଅର୍ଥାତ୍ ଗଡ ଜଗନ୍ନାଥ ବିରାଜମାନ । ଘୋଷଯାତ୍ରା ଉପଲକ୍ଷେ ରଥାରୁଢ ଶ୍ରୀ ଜଗନ୍ନାଥଙ୍କ ରଥ ଉପରେ ମହୁରୀ ରାଜା ଶ୍ରୀ ଅଶୋକ କୁମାର ନରେନ୍ଦ୍ର ଦେବ ଛେରା ପହଁରା କରିବା ସହ ରାଜ ଆଳତୀ କରିଥିଲେ । ପରେ ଶ୍ରଦ୍ଧାଳୁ ଙ୍କ ଦ୍ୱାରା ରଥ ଟଣା ହୋଇଥିଲା । ସୂଚନା ଯୋଗ୍ୟ ଯେ ପ୍ରାୟ ୩୦୦ ବର୍ଷ ତଳେ ମହୁରୀ ଗଡ ପତନ ପରେ ଗଡ ରେ ପୂଜାପାଉଥିବା ଜଗନ୍ନାଥ ମହାପ୍ରଭୁ ଙ୍କୁ ଅଣା ଯାଇ ମନ୍ଦିର ସ୍ଥାପନ କରା ଯାଇଥିଲା । ତେଣୁ ସାନ ଜଗନ୍ନାଥ ଗଡ ଜଗନ୍ନାଥ ନାମରେ ବିଦିତ । ସାନ ଜଗନ୍ନାଥ ଙ୍କ ରଥ ଟଣା କାଯ୍ୟକ୍ରମ ରେ ବଦ୍ରି ନାରାୟଣ ନାୟକ, ଜି . ଉମାପତି ଆଚାରୀ , ସୁରେନ୍ଦ୍ର ସେନାପତି, ମୁରଲୀ ସୁବୁଦ୍ଧି, ଗୋପୀ ସେଠୀ, କୁରା ସାସମଲ, ପ୍ରକାଶ ନାୟକ ଓ ପବିତ୍ର ସାସମଲ୍ ସହଯୋଗ କରିଥିଲେ ।

## ସ୍ୱାଦ ସହ ସ୍ୱାସ୍ଥ୍ୟର ସମନ୍ୱୟ
# କଟକରେ ଖୋଲିଲା 'କଟକ କିଚେନ୍'



**କଟକ,୧୬।୭ :** ପବିତ୍ର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ପବିତ୍ର ଅବସରରେ କଟକ ସହରବାସୀଙ୍କ ପାଇଁ ଏକ ଖୁସିର ଖବର ଆସିଛି। କଟକ ମାଲଗୋଦାମ ଥାନା ଅନ୍ତର୍ଗତ କଲେଜ ଛକ, ସିଡିଏ ମାର୍କେଟ କମ୍ପ୍ଲେକ୍ସ ନିକଟରେ 'କଟକ କିଚେନ୍' ନାମକ ଏକ ଆଧୁନିକ ଭୋଜନାଳୟର ଶୁଭ ଉଦ୍‌ଘାଟନ ହୋଇଛି। ଓଡ଼ିଶା ସରକାରଙ୍କ ସହଯୋଗରେ ଓପୋଲଫେଡ଼ ପକ୍ଷରୁ ପରିଚାଳିତ ଏହି ସେଲ୍ସ ବୁଥ୍ କେବଳ ଏକ ଖାଦ୍ୟ କେନ୍ଦ୍ର ନୁହେଁ, ବରଂ ସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଣ, ରୋଜଗାର ସୃଷ୍ଟି ଏବଂ ସ୍ୱାବଲମ୍ବୀ ଓଡ଼ିଶା ଗଠନ ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓପୋଲଫେଡ ମାର୍କେଟିଂ ଅଧିକାରୀ ତାରେଣୀ କୁମାର ସାହୁ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଫିତା କାଟି ଶୁଭାରମ୍ଭ କରିଥିଲେ କ୍ଷ ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଓପୋଲଫେଡ଼ କେବଳ ଖାଦ୍ୟ ସେବାରେ ସୀମିତ ନୁହେଁ; ବରଂ ବେରୋଜଗାର ଯୁବକ-ଯୁବତୀ ଓ ମହିଳାମାନଙ୍କୁ ଆତ୍ମନିର୍ଭର କରାଇବା ଦିଗରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ସେଲ୍ସ ବୁଥ୍ ମାଧ୍ୟମରେ ରୋଜଗାର ସୃଷ୍ଟି କରିବା ଓ ସ୍ୱାବଲମ୍ବନର ବାର୍ତ୍ତା ପହଞ୍ଚାଇବା ହେଉଛି ସଂସ୍ଥାର ମୂଳ ଲକ୍ଷ୍ୟ। ଏହି ସଫଳତା ପାଇଁ ସେ ଓଡ଼ିଶା ସରକାରଙ୍କୁ ଶ୍ରେୟ ପ୍ରଦାନ କରିଥିଲେ। ଅତିଥିମାନେ ବିଶେଷ ଭାବରେ ଶ୍ରୀମତୀ ବାଣୀଶ୍ରୀ ଶତପଥୀଙ୍କ ଉଦ୍ୟମ, ପରିଶ୍ରମ ଓ ଦୂରଦୃଷ୍ଟିକୁ ଉଚ୍ଚ ପ୍ରଶଂସା କରିଥିଲେ। ତାଙ୍କ ନିଷ୍ଠା, ସଂକଳ୍ପ ଓ ଅକ୍ଳାନ୍ତ ପ୍ରୟାସ ଫଳରେ ଆଜି କଟକ ସହରରେ ଏହି ଓପୋଲଫେଡ଼ ସେଲ୍ସ ବୁଥ୍ ସଫଳତାର ସହ ଗଢ଼ି ଉଠିପାରିଛି ବୋଲି ସେମାନେ କହିଥିଲେ। ଏପରି ଉଦ୍ୟମୀ ମହିଳାମାନେ ସମାଜର ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। 'କଟକ କିଚେନ୍' ର ପ୍ରମୁଖ ବିଶେଷତା ହେଉଛି ଗ୍ରାହକମାନଙ୍କୁ ସୁଲଭ ମୂଲ୍ୟରେ ସ୍ୱାଦିଷ୍ଟ, ପୁଷ୍ଟିକର, ସ୍ୱାସ୍ଥ୍ୟକର ଏବଂ ଗୁଣାତ୍ମକ ନିରାମିଷ ଓ ଆମିଷ ଖାଦ୍ୟ ଯୋଗାଇବା। ଆଧୁନିକ ରୋଷେଇ ପ୍ରଣାଳୀ, ଖାଦ୍ୟର ଗୁଣବତ୍ତା, ସ୍ୱଚ୍ଛତା ଓ ପରିଚ୍ଛନ୍ନତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏଠାରେ ପ୍ରସ୍ତୁତ ହେଉଥିବା ପ୍ରତ୍ୟେକ ଖାଦ୍ୟ ସ୍ୱାସ୍ଥ୍ୟବିଧିକୁ ଅନୁସରଣ କରି ପ୍ରସ୍ତୁତ କରାଯିବା ସହ ଗ୍ରାହକଙ୍କ ସ୍ୱାସ୍ଥ୍ୟ ଓ ସନ୍ତୁଷ୍ଟିକୁ ପ୍ରାଥମିକତା ଦିଆଯିବ। ଏହି ଅବସରରେ ଏଜେଣ୍ଟ ଶ୍ରୀମତୀ ବାଣୀଶ୍ରୀ ଶତପଥୀ ଓ ପୋଲଫେଡ ମ୍ୟାନେଜିଂ ଡିରେକ୍ଟର ଡାଃ ଗିରିଧାରୀ ସାହୁ, ଜେନେରାଲ ମ୍ୟାନେଜର ଡାଃ ଅଜିତ କୁମାର ପତି ଙ୍କୁ ଧନ୍ୟବାଦ ଦେବା ସହ କହିଥିଲେ ଯେ, "କଟକ କିଚେନ୍"ର ଲକ୍ଷ୍ୟ କେବଳ ଖାଦ୍ୟ ବିକ୍ରି ନୁହେଁ, ବରଂ ପ୍ରତ୍ୟେକ ଗ୍ରାହକଙ୍କୁ ଘରୋଇ ସ୍ୱାଦ ସହ ପୁଷ୍ଟିକର, ପରିଷ୍କାର ଓ ବିଶ୍ୱସନୀୟ ଖାଦ୍ୟ ପହଞ୍ଚାଇବା। ଭବିଷ୍ୟତରେ ଏହି ସେବାକୁ ଆହୁରି ବ୍ୟାପକ କରିବା ପାଇଁ ପ୍ରୟାସ ଜାରି ରହିବ। ଓପୋଲଫେଡ଼ର ଏହି ପଦକ୍ଷେପ କେବଳ ଏକ ବ୍ୟବସାୟିକ ପ୍ରକଳ୍ପ ନୁହେଁ,। କାର୍ଯ୍ୟକ୍ରମରେ ସୁକାନ୍ତ କୁମାର ଦାସ, ଜଗଦୀଶ ମହାନ୍ତି, ଦୁର୍ଲଭ କୁମାର ଦାସଙ୍କ ସମେତ ଓପୋଲଫେଡ଼ର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଜେଣ୍ଟ ଆଲୋକ କୁମାର ବେହେରା, ମହମ୍ମଦ କମଲ ଆଲ୍ଲାମ, କୀର୍ତ୍ତି ଚନ୍ଦ୍ର ସାମଲ, ପ୍ରମୋଦ ପୃଷ୍ଟି, ସୁଶାନ୍ତ କୁମାର ବେହେରା, ତ୍ରିଲୋଚନ ସାହୁ, ଏସ୍ କେ ବାବୁ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଲଳିତ ମୋହନ ଶତପଥୀ ଓ ଦୀପ୍ତି ରଞ୍ଜନ ଶତପଥୀ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। କଟକବାସୀଙ୍କ ପାଇଁ "କଟକ କିଚେନ୍" ନିଶ୍ଚିତ ଭାବେ ଏକ ବିଶ୍ୱସନୀୟ ଭୋଜନ କେନ୍ଦ୍ର ଭାବେ ପରିଚିତ ହେବ ବୋଲି ଆଶା ପ୍ରକାଶ ପାଇଛି ।

## ଚନ୍ଦନକାଠରେ ମହାପ୍ରଭୁଙ୍କ ନିଆରା କଳାକୃତି

### ରଥଯାତ୍ରାରେ ଶୁଭେଚ୍ଛା ଜଣାଇଲେ ଅବିନାଶ

**ବାଲେଶ୍ୱର,୧୬।୭ :** ପବିତ୍ର ରଥଯାତ୍ରା ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ର ଅବିନାଶ ନାଥ ଚନ୍ଦନକାଠ ଉପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ପ୍ରଭୁ ବଳଭଦ୍ର ଏବଂ ମା' ସୁଭଦ୍ରାଙ୍କ ସୁନ୍ଦର କଳାକୃତି ଅଙ୍କନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।ଅବିନାଶ ଏକ୍ରିଲିକ୍ କଲର ଓ ବ୍ରସ୍ ବ୍ୟବହାର କରି ପ୍ରାୟ ଏକ ଘଣ୍ଟା ମଧ୍ୟରେ ଏହି ନିଆରା କଳାକୃତି ପ୍ରସ୍ତୁତ କରିଥିଲେ।



ଚନ୍ଦନକାଠ ଉପରେ ତିନି ଠାକୁରଙ୍କ ଆକର୍ଷଣୀୟ ଚିତ୍ରାଙ୍କନ ତାଙ୍କ କଳାନୈପୁଣ୍ୟର ପରିଚୟ ଦେବା ସହ ରଥଯାତ୍ରାର ପବିତ୍ର ବାର୍ତ୍ତାକୁ ମଧ୍ୟ ପ୍ରତିଫଳିତ କରିଛି।ଏହି ଅଭିନବ କଳାକୃତି ମାଧ୍ୟମରେ ଅବିନାଶ ସମସ୍ତଙ୍କୁ ପବିତ୍ର ରଥଯାତ୍ରାର ଶୁଭେଚ୍ଛା ଜଣାଇଥିବା ବେଳେ, ତାଙ୍କ ଏହି ସୃଜନଶୀଳ ପ୍ରୟାସକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି।

## ୮ ଟିକିଆ ହାତୀଙ୍କ ଉତ୍ପାତ

### ଘର ଭାଙ୍ଗିଲେ, ଫସଲ ନଷ୍ଟ କଲେ



**ବଣାଇଁ,୧୬।୭ :** ରାଉରକେଲା ବନଖଣ୍ଡର ବାଙ୍କୀ ରେଞ୍ଜ ଅନ୍ତର୍ଗତ କପଣ୍ଡ ଗ୍ରାମରେ ବିଳମ୍ବିତ ରାତିରେ ୮ ଟିକିଆ ହାତୀ ପଲ ଗାଁରେ ପହଂଚି ଖାଦ୍ୟ ଅନ୍ୱେଷଣରେ ଘର ଭାଙ୍ଗୁ ଥିବା ବେଳେ ପରିବାର ଲୋକ ଉଠି ଏତେ ହାତୀଙ୍କୁ ଦେଖି ଭୟଭୀତ ହୋଇ ଯାଇଥିଲେ ଏବଂ ପିଲା ଛୁଆ ଧରି ଯିଏ ଯୁଆଡେ ପଳାଇ ଥିଲେ। ଗାଁରେ ପ୍ରାୟ ଦୁଇରୁ ୩ ଟି ଘର ଭାଙ୍ଗି ଥିବା ବେଳେ ଅନେକ ଫସଲ ନଷ୍ଟ କରି ଛନ୍ତି ଏବେ ପାଖ ଜଙ୍ଗଲ ରେ ଥିବା ବେଳେ ବନବିଭାଗ ନଜର ରଖିଥିବା ଜଣା ପଡିଛି।

## ଭାରସାମ୍ୟ ହରାଇ ରାସ୍ତାରୁ ୨୦ ଫୁଟ ତଳକୁ ଖସିଲା କାର

### ଅଳ୍ପକେ ବର୍ତ୍ତିଲେ ୫ ଜଣ ଡାକ୍ତର



**ବଣାଇଁ,୧୬।୭ :** ଅନୁଗୁଳରୁ ଏକ କାର ଯୋଗେ ପାଞ୍ଚ ଜଣ ଡାକ୍ତର ରାଉରକେଲା କୁ ଆସୁ ଥିବା ବେଳେ ଟୀକାୟତ ପାଲି ଥାନାର କସଡା ନିକଟରେ କାର ଟି ଭାର ଶ୍ୟାମ ହରାଇ ରାସ୍ତା ଉପରୁ ପ୍ରାୟ ୨୦ ଫୁଟ ତଳକୁ ଖସି ଯାଇ ଥିଲା, ଖବର ପାଇ ଟିକାୟତପାଲି ପୋଲିସ ଘଟଣା ସ୍ଥଳରେ ପହଂଚି ସମସ୍ତ ଙ୍କୁ ଉଦ୍ଧାର କରି ରାଉରକେଲା କୁ ପଠାଇ ଥିଲେ, ଗାଡ଼ିରେ ଥିବା ସମସ୍ତ ବ୍ୟକ୍ତି ଡାକ୍ତର ହୋଇଥିବା ବେଳେ ସେମାନଙ୍କ ରାଉରକେଲାକୁ ବଦଳୀ ହୋଇ ଥିବା ଯୋଗୁ ସେମାନେ ଅନୁଗୁଳରୁ ଆସୁ ଥିବା ବେଳେ ଏହି ଦୁର୍ଘଟଣା ହୋଇଥିଲା।

## ଦୁର୍ଘଟଣାରେ ଚାଲିଗଲା ସ୍ୱାମୀ-ସ୍ତ୍ରୀଙ୍କ ଜୀବନ

### ଦୁଇ ଘଣ୍ଟା ରାସ୍ତାରୋକ

**ରଙ୍ଗେଇଲୁଣ୍ଡା,୧୬।୭ :** ସଡ଼କ ଦୁର୍ଘଟଣାରେ ହାତ ଧରାଧରି ହୋଇ ଆରପାରିକୁ ଚାଲିଗଲେ ସ୍ୱାମୀ ସ୍ତ୍ରୀ । ଚିକିତ୍ସା କରିବାକୁ ନିଜ ସ୍ୱାମୀଙ୍କ ହାତ ଧରି ବାଟ କଡାଇ ନେଉଥିଲା ସ୍ତ୍ରୀ । କିନ୍ତୁ କିଏ ଜାଣିଥିଲା ଚିକିତ୍ସା ପରିବର୍ତ୍ତେ ଯାତ୍ରା ଶେଷ ଯାତ୍ରା ହେବ ବୋଲି । ଆଉ ଏଭଳି ଏକ ହୃଦୟବିଦାରକ ଦୁର୍ଘଟଣା ଘଟିଛି ଗୋଳାନ୍ତରା ଥାନା ଅନ୍ତର୍ଗତ ରଣ୍ଡା ଛକରେ । ରଣ୍ଡା ଗାଁର ହରିଶ୍ଚନ୍ଦ୍ର ଦାସ ଓ ତାଙ୍କ ପତ୍ନୀ ପରୀ ଦାସ ଆଜି ସକାଳ ପ୍ରାୟ ୧୦.୩୦ ମିନିଟ୍ ସମୟରେ ଘରୁ ବାହାରକୁ ବାହାରିଥିଲେ । ହରିଶ୍ଚନ୍ଦ୍ରଙ୍କ ସ୍ୱାସ୍ଥ୍ୟ ଭଲ ନଥିବା ଯୋଗୁଁ ତାଙ୍କର ଚିକିତ୍ସା ପାଇଁ ତାଙ୍କ ହାତକୁ ଧରି ପତ୍ନୀ ପରୀ ଦାସ ନେଉଥିଲେ । ହରିଶ୍ଚନ୍ଦ୍ର ଓ ପରୀ ରଣ୍ଡା ଛକରେ ରାସ୍ତା ପାର ହେବା ପାଇଁ ଠିଆ ହୋଇଥିଲେ । ଏହି ସମୟରେ ହଠାତ୍ ଏକ କାର (ଓଡି ୧୮ ଜେ ୪୫୫୪) ପଛପଟକୁ ଗୋଟେ ଟ୍ରକ (ଆର୍ ଜେ ୧୪ ଜି ୟୁ ୫୨୫୯) ଧକ୍କା ଦେଇଥିଲା । ଯାହାଫଳରେ ଓଡି ୧୮ ଜେ ୪୫୫୪ ନଂ କାରଟି ହରିଶ୍ଚନ୍ଦ୍ର ଓ ପରୀକୁ ଧକ୍କା ଦେବା ଫଳରେ ଉଭୟ ରାସ୍ତାରେ ଛିଟିକି ହୋଇ ପଡ଼ିଥିଲେ । ରାସ୍ତାରେ ଉଭୟ ଗୁରୁତର ଅବସ୍ଥାରେ ପଡ଼ିଥିବା ବେଳେ ଅନ୍ୟ ଏକ ଟ୍ରକ ଉଭୟଙ୍କୁ ରାସ୍ତା ଉପରେ ଚକୁଡ଼ି ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଦୁର୍ଘଟଣାରେ ଘଟଣାସ୍ଥଳରେ ହିଁ ଉଭୟ ହରିଶ୍ଚନ୍ଦ୍ର ଓ ପରୀଙ୍କ ମୃତ୍ୟୁ ହୋଇଥିଲା । ସମ୍ପର୍କିୟ ଲୋକେ ଏନେଇ ଜାଣିବା ପରେ ରଣ୍ଡା ଛକରେ ଟାୟାର ଜାଳି ଦୁଇ ଘଣ୍ଟା ରାସ୍ତାରୋକ କରିଥିଲେ । ମୃତକଙ୍କ ପରିବାରକୁ ଆବଶ୍ୟକୀୟ କ୍ଷତିପୂରଣ ସହ ରଣ୍ଡା ଛକରେ ଚାଲିଥିବା ଓଭରବ୍ରିଜ ନିର୍ମାଣକୁ ଜୋରସୋରରେ କରିବା ଦାବିରେ ଦୀର୍ଘ ସମୟ ଧରି ଜାତୀୟ ରାଜପଥ -୧୬କୁ ଅବରୋଧ କରିଥିଲେ ସ୍ଥାନୀୟ ଲୋକେ । ଯାହାଫଳରେ ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ମୋଟର ଅଟକି ରହିଥିଲା । ଏ ସମ୍ପର୍କରେ ଖବର ପାଇ ଗୋଳନ୍ଥରା ଥାନା ପୋଲିସ ଟୁନା ସାସମଲ, ସଦର ଏସଡିପି ସୁବ୍ରାଂଶୁ ଶେଖର ପରିଡ଼ା, କନିଷି ତହସିଲଦାର କବିରାଜ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ମାନଙ୍କୁ ବୁଝାସୁଝା କରିଥିଲେ । ମୃତକଙ୍କ ପରିବାରକୁ ରେଡ଼କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଲେଖାଏଁ ୬୦ ହଜାର ଟଙ୍କା କନିଷି ତହସିଲଦାର ପ୍ରଦାନ କରିଥିଲେ । ଏହାସହ ଓଭରବ୍ରିଜ କାମ ଯୁଦ୍ଧକାଳୀନ ଭିତ୍ତିରେ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା ।

## ନୂଆ ରଥରେ ଭକ୍ତିର ମହାସମାଗମ

# ଟିକିରିରେ ଆଡ଼ମ୍ବରରେ ପାଳିତ ଶ୍ରୀଗୁଣ୍ଡିଚା ରଥଯାତ୍ରା



**କାଶୀପୁର,୧୬।୭ :** ରାୟଗଡା ଜିଲ୍ଲା କାଶୀପୁର ବ୍ଲକର ଟିକିରିଠାରେ ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ଚଳିତ ବର୍ଷ ଅଭୂତପୂର୍ବ ଭକ୍ତ ସମାଗମ ମଧ୍ୟରେ ଆଡ଼ମ୍ବରର ସହ ପାଳିତ ହୋଇଛି। ବିଶେଷକରି ଏବର୍ଷ ନିର୍ମିତ ନୂଆ ରଥରେ ମହାପ୍ରଭୁଙ୍କ ବିଜେ ପରେ ଭକ୍ତମାନଙ୍କ ମଧ୍ୟରେ ଅପାର ଉତ୍ସାହ ଓ ଭକ୍ତିଭାବ ପରିଲକ୍ଷିତ ହୋଇଥିଲା। ଶ୍ରୀ ଜଗନ୍ନାଥ ମନ୍ଦିରରୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ଏକକ ରଥରେ ବିରାଜମାନ ହୋଇ ହଜାର ହଜାର ଭକ୍ତଙ୍କୁ ଦିବ୍ୟ ଦର୍ଶନ ଦେଇଥିଲେ। 'ଜୟ ଜଗନ୍ନାଥ' ଧ୍ୱନିରେ ସମଗ୍ର ଟିକିରି ଅଞ୍ଚଳ ପ୍ରକମ୍ପିତ ହେଉଥିବା ବେଳେ ଶ୍ରଦ୍ଧାଳୁମାନେ ଉତ୍ସାହର ସହ ରଥ ଟାଣି ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରିଥିଲେ। ଟିକିରି ଆଖପାଖ ଅଞ୍ଚଳରେ ବୃହତ୍ ଆକାରରେ ରଥଯାତ୍ରା ପାଳିତ ହେଉନଥିବାରୁ କାଶୀପୁର ସମେତ ବିଭିନ୍ନ ପଞ୍ଚାୟତ ଏବଂ ପଡ଼ୋଶୀ ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତମାନେ ଟିକିରିରେ ପହଞ୍ଚିଥିଲେ। ଫଳରେ ଏବର୍ଷର ରଥଯାତ୍ରାରେ ପୂର୍ବବର୍ଷ ତୁଳନାରେ ଅଧିକ ଜନସମାଗମ ଦେଖିବାକୁ ମିଳିଥିଲା। ନୂଆ ରଥରେ ମହାପ୍ରଭୁଙ୍କ ରଥାରୋହଣ ମଧ୍ୟ ଭକ୍ତମାନଙ୍କ ଆକର୍ଷଣର ପ୍ରମୁଖ କେନ୍ଦ୍ରବିନ୍ଦୁ ପାଲଟିଥିଲା। ରଥଯାତ୍ରାକୁ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଟିକିରି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଗୋକୁଳମୁଣ୍ଡାଠାରୁ ଜାମୁଗୁଡ଼ା ପର୍ଯ୍ୟନ୍ତ ପୋଲିସ ମୁତୟନ କରାଯାଇଥିବା ବେଳେ ଟିକିରି ଓ ଦରାଗୁଡ଼ା ଥାନାର ଆଇଆଇସିଙ୍କ ନେତୃତ୍ୱରେ ପୋଲିସ ବଳ ରଥ ନିକଟରେ ରହି ଭକ୍ତମାନଙ୍କ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଓ ଶାନ୍ତି-ଶୃଙ୍ଖଳା ବଜାୟ ରଖିଥିଲେ। ଭକ୍ତି, ପରମ୍ପରା ଓ ସାମାଜିକ ସମନ୍ୱୟର ଅପୂର୍ବ ନିଦର୍ଶନ ସୃଷ୍ଟି କରିଥିବା ଟିକିରିର ଏହି ରଥଯାତ୍ରା ଚଳିତ ବର୍ଷ ଅଞ୍ଚଳବାସୀଙ୍କ ପାଇଁ ଏକ ସ୍ମରଣୀୟ ଧାର୍ମିକ ମହୋତ୍ସବରେ ପରିଣତ ହୋଇଛି।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati